



**ବିଦ୍ୟାଳୟରୁ ବେଆଇନ ବାସଗୃହ ଉଚ୍ଛେଦ ପ୍ରସଙ୍ଗ**

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବାରିପଦା, ୪।୩(ସମିସ): ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆର ହାତୀମଡା ସ୍ଥିତ ଏ.କେ ବିଦ୍ୟାପୀଠ ପରିସରରୁ ୩ଟି ବାସଗୃହକୁ ଉଚ୍ଛେଦ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସୋମବାର ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାପୀଠ ପରିସର ମଧ୍ୟରେ ଗ୍ରାମର ୩ଟି ପରିବାର ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଛନ୍ତି; ଯାହାକି ବିଦ୍ୟାଳୟର ପରିବେଶ ଉପରେ ପ୍ରଭାବ ପଡ଼ିବା ସହିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତି ଉପରେ ଖରାପ ପ୍ରଭାବ ପକାଉଛି। ଉକ୍ତ ପରିବାରଗୁଡିକ ବିସ୍ଥାପନ ନିମନ୍ତେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ହଳଦିଆ ବନ୍ଧର କ୍ଷତିଗ୍ରସ୍ତ ଓ ଅନୁଦାନ ରାଶି ପାଇଥିବା ପରିବାର। ତେବେ ଏଥିପରେ ଅନ୍ୟତ୍ର ନ ଯାଇ ବିଦ୍ୟାଳୟ ପରିସର ମଧ୍ୟରେ ରହିବା ସହ ଗାଇଗୋରୁ, ଛେଳି, ମେଣ୍ଢା ଆଦି ଅବାଧରେ ଚଳପ୍ରଚଳ କରାଉଛନ୍ତି; ଯାହାକି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ ଉପରେ କୁପ୍ରଭାବ ପକାଉଛି। ବିଦ୍ୟାଳୟର ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରି କରିବାରେ ଆସୁବିଧା ସୃଷ୍ଟି ହେଉଛି। ବିଦ୍ୟାଳୟକୁ ୫-ଟି ଯୋଜନାର ପର୍ଯ୍ୟାୟଭୁକ୍ତ କରାଯାଇଥିଲେ ମଧ୍ୟ ୩ଟି ପରିବାର ରହିବା କାରଣରୁ ଏହାର ପ୍ରଭାବରେ ପାଚେରୀ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ।



ଏନେଇ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଏସ୍.ଏମ୍.ସି. ସଭ୍ୟବୃନ୍ଦ ଓ ଜନସାଧାରଣଙ୍କ ସହଯୋଗରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ତେବେ ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ବ୍ଲକ ଶିକ୍ଷା ଅଧିକାରୀ ପହଁଚି ଆଲୋଚନା କରିଥିଲେ। ବିଦ୍ୟାଳୟ ସମସ୍ୟାକୁ ହୃଦୟଙ୍ଗମ କରି ଆଗାମୀ ଏକ ମାସ ମଧ୍ୟରେ ଉକ୍ତ ପରିବାରକୁ ସ୍କୁଲ ପରିସରରୁ ଉଚ୍ଛେଦ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଏକ ମାସ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁକରି ଏହାର ସମାଧାନ ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଏହାର ସମାଧାନ ନହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଯୁବକଙ୍କୁ ସଙ୍ଘବଦ୍ଧ ହତ୍ୟା ଘଟଣା; ଗିରଫ ସଂଖ୍ୟା ୯କୁ ବୃଦ୍ଧି

ବାରିପଦା, ୪।୩(ସମିସ): ଶୁନଗଡ଼ିଆ ଅଞ୍ଚଳରେ ଶନିବାର ମନିପର୍ସ ପାଇଁ ଯୁବକଙ୍କୁ ସଙ୍ଘବଦ୍ଧ ଭାବେ ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଛି। ସୋମବାର ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ବାକି ୩ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଏ ନେଇ ବାରିପଦା ଟାଉନ ଥାନାରେ ଦୁଇଟି ପୃଥକ ଭାବେ ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ ମାମଲାରେ କୋର୍ଟ ଚାଲାଣ ହୋଇଥିବା ଗିରଫ ୪ଜଣ ଅଭିଯୁକ୍ତ ମାନେ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଶୁନଗଡ଼ିଆ ଅଞ୍ଚଳର ଏସକେ ସମସେଦ, ଦୀପକ ଘଡେଇ, ମିଥୁନ ମୁଖୀ ଏବଂ ପିଣ୍ଟୁ ମୁଖୀ। ସେହିପରି ଗଣ୍ଡଗୋଳକୁ ନେଇ ଅନ୍ୟ ଏକ ପ୍ରତିଅଭିଯୋଗ ମାମଲାରେ କୋର୍ଟ ଚାଲାଣ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଅଶୋକ ମୁଖୀ ଓ ବିବେକ ମୁଖୀ। ସୂଚନା ଅନୁଯାୟୀ, ଶନିବାର ବାରିପଦା ଟାଉନ ଥାନା ଅନ୍ତର୍ଗତ ଶୁନଗଡ଼ିଆ ଅଞ୍ଚଳର ରାମ ମୁଖୀ (୨୫)ଙ୍କୁ ମନିପର୍ସର ସାମାନ୍ୟ ଟଙ୍କା ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଓ ପରେ ଏହାକୁ ନେଇ ହତ୍ୟା ଘଟଣା ଘଟିଥିଲା। ମନିପର୍ସରେ ୫୫୦ ଟଙ୍କା ରହିଥିବା ବେଳେ ସେଥିରେ ୧୩୦୦ ଟଙ୍କା ଥିବା ନେଇ କହି ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଧୀରେ ଧୀରେ ଉଗ୍ର ରୂପ ନେବାରୁ କିଛି ଯୁବକ ରାମ ମୁଖୀଙ୍କୁ ମୁଣ୍ଡକୁ ମାରଣାସ୍ତ୍ର ଓ ପଥର ଆଦିରେ ପ୍ରହାର କରିବାରୁ ମୃତ ହୋଇଥିଲା। ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଉକ୍ତ ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଥାନା ଅଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ଥିବା ବେଳେ ୩ଜଣଙ୍କୁ ପୁଲିସ ପକ୍ଷରୁ ଅଟକ ରଖି ପଚରାଉଚରା ଜାରି ରହିଛି। ଉକ୍ତ ୩ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି କୁହାଯାଇଛି। ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଶେଷହେଲା ମା'ଙ୍କ ବଡ଼ପୂଜା; ହୁଣ୍ଡିରୁ ମିଳିଲା ୧୨.୩୩ ଲକ୍ଷ

ବାରିପଦା, ୪।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଅଧୀନ ସୁହାଗପୁରା ପଞ୍ଚାୟତ କଉଡିଖଣିସ୍ଥିତ ମା' ହିଙ୍ଗୁଳାଙ୍କ ବଡପୂଜା ପରେ ଦାନ ହୁଣ୍ଡିରୁ ମିଳିଛି ୧୨ ଲକ୍ଷ ୩୩ ହଜାର ୪ଶହ ଟଙ୍କା। ମା'ଙ୍କ ବାର୍ଷିକ ବଡ ପୂଜା ସହିତ ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ଶ୍ରୀରାମ ଓ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଞ୍ଚ ଦିନ ଧରି ଚାଲିଥିଲା। ପୂଜା ସମୟରେ ଭକ୍ତଙ୍କ ପ୍ରବଳ ଭିଡ ଲାଗିରହିବା ସହିତ ଉଠାଦୋକାନୀଙ୍କ ଆସର ଜମିଥିଲା। ଗତ ୨୭ ତାରିଖ ବାର୍ଷିକ ବଡ ପୂଜା ଦିନ ମା'ଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମା'ଙ୍କ ପୀଠର ଉନ୍ନତି ନିମନ୍ତେ ଶ୍ରଦ୍ଧାଳୁ ଦାନ ହୁଣ୍ଡିରେ ଅର୍ଥ ଦାନ କରିଥିଲେ। ଉକ୍ତ ଦାନ ରାଶି ହିଙ୍ଗୁଳା ଟ୍ରଷ୍ଟ ପକ୍ଷରୁ ଗଣିବା କାର୍ଯ୍ୟ ସମାପ୍ତ ପରେ ଟ୍ରଷ୍ଟ ମୁଖ୍ୟ ସୁନୀଲ କୁମାର ଦାଶ ସୂଚନା ଦେଇଛନ୍ତି।

## ଏନଆରଟିଏସ ପରୀକ୍ଷାରେ ଆଦ୍ୟାଶା ବ୍ଲକ ଟପ୍ପର



ବାରିପଦା, ୪।୩(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ଶିକ୍ଷାବୃତ୍ତି (ଏନଆରଟିଏସ)ର ପରୀକ୍ଷା ଫଳ ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ବାରିପଦା ବ୍ଲକର ୧୦ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ସେଥିରୁ ଆଦ୍ୟାଶା ଅନିନ୍ଦିତା ଦାନ ବାରିପଦା ବ୍ଲକ ଟପ୍ପର ହୋଇ କୃତିତ୍ୱ ହାସଲ କରିଛନ୍ତି। କୃତି ଅର୍ଜନ କରିଥିବା ଅନ୍ୟ ୯ ଜଣ ହେଲେ ମେଘନା ଦ୍ୱାରି, ବର୍ଷାରାଣୀ ଗିରି, ଜ୍ୟୋତିରଞ୍ଜନ ଦାସ, ଅଭିଷେକ ରଣା, ଭବ୍ୟସ୍ୱାଗତ ଖିଲାର, ଗୌତମ କୁମାର ନାଏକ, ତନୁଶ୍ରୀ ଦେହୁରୀ, ସ୍ୱାଧୀନ ପାତ୍ର ଓ ମଣି ମଙ୍ଗରାଜ। ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ଉକ୍ତ ଶିକ୍ଷାବୃତ୍ତି ପରୀକ୍ଷା ହେଇଥାଏ। ବ୍ଲକ ଟପ୍ପର ଆଦ୍ୟାସା ଅନିନ୍ଦିତା ଦାନ ରାଜବସା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରୀ। ସେ ଏବେ ସ୍ଥାନୀୟ ୱାର୍ଡ ନମ୍ବର ୧୭, ଭଞ୍ଜପୁର ସ୍ଥିତ ଏକ କୋଚିଂ ସେଣ୍ଟରରେ ଅଧ୍ୟୟନରତ। ତାଙ୍କ ସଫଳତା ପାଇଁ ସେ ପିତା ପ୍ରଦ୍ୟୁମ୍ନ କୁମାର ଦାନ, ମାତା ସୋନାଲି ଦାନ, ବିଦ୍ୟାଳୟ ଓ କୋଚିଂ ସେଣ୍ଟରକୁ ଶ୍ରେୟ ପ୍ରଦାନ କରିଛନ୍ତି।

## ପୁଣି ଚାକିରି ପ୍ରଲୋଭନ ଦେଖାଇ ୨୦ ଲକ୍ଷ ଠକେଇ

ବାରିପଦା, ୪।୩(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଠକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବରେ ଲାଗିଲାଣି। ପୁଣି ଜଣେ ଚାକିରି ପ୍ରଲୋଭନରେ ଠକାମୀର ଶିକାର ହୋଇଛନ୍ତି। ବେକାର ଯୁବକ ଯୁବତୀଙ୍କୁ ଠକମାନେ ଟାର୍ଗେଟ କରୁଥିବାବେଳେ ଚାକିରି ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଠକାମିର ଶିକାର କରାଯାଉଥିବା ପରିଲକ୍ଷିତ ହେଉଛି। ବାରିପଦା ଟାଉନ ଥାନାରେ ପୁଣି ଏକ ବଡ଼ ଧରଣର ଠକେଇ ମାମଲା ରୁଜୁ ହୋଇଛି। ଏ ନେଇ କୁଳିଅଣା ଥାନା ଅନ୍ତର୍ଗତ ଆମ୍ବଡୁବି ଅସ୍ତିଆ ଗ୍ରାମର ରଣଜିତା ନାୟକ (୩୬) ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱରର ଆଶିଷ କୁମାର ପ୍ରଧାନ (୩୨) ନାମକ ଜଣେ ଠକ ନିଜକୁ ଏକ ପ୍ରତିଷ୍ଠିତ ଏନ୍‌ଜିଓ ସଂସ୍ଥାର କର୍ମକର୍ତ୍ତା ଭାବେ ପରିଚୟ ଦେଇ ଚାକିରି ଦେବ ବୋଲି କହିଥିଲା। ପରେ ବାରିପଦା ଓ କୁଳିଅଣା ଅଞ୍ଚଳର ଶତାଧିକ ବେକାର ଯୁବକ ଯୁବତୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଛି।

**ଡିଭାଇନ୍ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଭାବବିନିମୟ କାର୍ଯ୍ୟକ୍ରମ**

# ବିଦ୍ୟାର୍ଥୀଙ୍କୁ ଅନୁଭୂତି ବାଣ୍ଟିଲେ ଜର୍ମାନୀର ଡା. ଶିବାଶିଷ ଗିରି

ବାରିପଦା, ୪।୩(ସମିସ): ଆଜିର ବ୍ୟସ୍ତବହୁଳ ଆଧୁନିକ ସମାଜ ଯେତେ ଆଗକୁ ଯାଉଛି, ଲୋକେ ସେତେ ଚିନ୍ତାଗ୍ରସ୍ତ ହୋଇ ରହୁଛନ୍ତି। ବର୍ତ୍ତମାନ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମଧ୍ୟ ଚିନ୍ତାଗ୍ରସ୍ତ ହୋଇ ରହୁଥିବା ବେଳେ ସଫଳତା ହାସଲ କରିବାରେ ପଛାଇ ଯାଉଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଚାପମୁକ୍ତ ସମାଜ ଗଠନ କରିବା ଲକ୍ଷ୍ୟରେ ଜର୍ମାନର ଷ୍ଟେମ୍ ସେଲ୍‌ଫ ସ୍ପେଶାଲିଷ୍ଟ ଡାକ୍ତର ଶିବାଶିଷ ଗିରିଙ୍କ ଏକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ବାରିପଦା ଡିଭାଇନ୍ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଏବଂ ଡିଭାଇନ୍ ନର୍ସିଂ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ସହ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ. ବିପ୍ଳବ ଭଞ୍ଜନ ବୁଗୁଡ଼େଇ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଜର୍ମାନର ଲେଇପିଜିଗ୍ ବିଶ୍ୱବିଦ୍ୟାଳୟରେ ଷ୍ଟେମ୍ ସେଲ୍‌ଫ ବାୟୋଲଜି ଏବଂ ସେଲ୍‌ଫ ଟେକନୋଲୋଜି ବିଭାଗର ଉପମୁଖ୍ୟ ଭାବେ କାର୍ଯ୍ୟରତ ଥିବା ଡାକ୍ତର ଶିବାଶିଷ ଗିରି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଗସ୍ତକରି ବିଦ୍ୟାର୍ଥୀଙ୍କୁ 'ଆମ ଶରୀର ଆମ ଡାକ୍ତର' ବିଷୟରେ ଜ୍ଞାନ ବାଣ୍ଟୁଛନ୍ତି। ଆଜିର ବ୍ୟସ୍ତବହୁଳ ସମାଜରେ ଚାପମୁକ୍ତ ହୋଇ କିପରି ସୁସ୍ଥ ବାତାବରଣ ସୃଷ୍ଟି କରାଯିବ ସେନେଇ ଡାକ୍ତର ଗିରି ଛାତ୍ରଛାତ୍ରୀଙ୍କୁ ନିଜର ପରାମର୍ଶ ପ୍ରଦାନ କରିଥିଲେ। ସେ ବିଦେଶ ଭ୍ରମଣ କାଳରେ ଭେଟିଥିବା ବିଭିନ୍ନ ନୋବେଲ୍ ବିଜେତାଙ୍କ ସହ ଆଲୋଚନା କରି ପାଇଥିବା ଅନୁଭୂତି ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି; ଯାହାର ଉପଯୋଗ କରି ଛାତ୍ରଛାତ୍ରୀ ଚାପମୁକ୍ତ ହୋଇ ସଫଳତାର ଶୀର୍ଷରେ ପହଞ୍ଚିପାରିବ। ନିଜ ଶରୀରକୁ କିପରି ନିଜେ ନିରୋଗ ରଖାଯାଇପାରିବ, ମନକୁ କିପରି ଏକାଗ୍ରତା କରାଯିବା ସହ ନୂଆ ନୂଆ ବିଷୟ ଉପରେ ଅନୁସନ୍ଧାନ କରିହେବ, ସେ ନେଇ ସେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ତେବେ ଡାକ୍ତର ଶିବାଶିଷ ଗିରିଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ଛାତ୍ରଛାତ୍ରୀଙ୍କୁ ବେଶ୍ ପ୍ରଭାବିତ କରିଥିଲା।






# ନଳଗଜାରେ ଉଦାସ ଶୂନ୍ୟଗାଦି ପ୍ରତିଷ୍ଠା

**ବାଲେଶ୍ୱର/ରାସଗୋବିନ୍ଦପୁର, ୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ନଳଗଜା ଗ୍ରାମର ବାବାଜୀ ବାଡି ଠାରେ ଉଦାସ ଶୂନ୍ୟଗାଦି ପ୍ରତିଷ୍ଠା ହୋଇଯାଇଛି। ଏହି ଅବସରରେ ଛତିଆସ୍ଥିତ ଉଦାସ ଆଶ୍ରମର ପୀଠାଧୀଶ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ନୂତନ ଶୂନ୍ୟଗାଦି ପ୍ରତିଷ୍ଠା କରାଯିବା ସହିତ ଯଜ୍ଞର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ସମାଜସେବୀ କିଶୁନ ବେସ୍ରା, ସନ୍ତୋଷ କୁମାର ଗିରି, ଜୟାଚ୍ୟାଉ ପଟ୍ଟନାୟକ, ଅନୀଲ ଆଚାର୍ଯ୍ୟ, ସମାଜସେବୀ ପ୍ରତାପ କୁମାର ସାହୁ, ଅମୂଲ୍ୟ କୁମାର ଜେନାଙ୍କ ସମେତ ନଳଗଜା ୟୁପି ସ୍କୁଲ ଏବଂ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ମହାଯଜ୍ଞରେ ଜୟକୃଷ୍ଣ ପଣ୍ଡା ଏବଂ ତାଙ୍କ ପତ୍ନୀ ରତ୍ନାବତୀ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ନଳଗଜା ଗ୍ରାମର ମହିୟଷୀ ମହିଳା ମଞ୍ଜୁମଞ୍ଜରୀ ପଟ୍ଟନାୟକ, ଆଚାର୍ଯ୍ୟ ଖଗେଶ୍ୱର ରଥ, ନୀଳମଣି ପଣ୍ଡାଙ୍କ ସମେତ ଉଦାସ ପନ୍ଥୀ ଭକ୍ତ ଶଶୀଭୂଷଣ ନାୟକ, ପଦ୍ମକାନ୍ତ ମହାନ୍ତି, ଶିବପ୍ରସାଦ ମହାନ୍ତି, ରବୀନ ଖଣ୍ଡାୟତ ରାୟ, ପ୍ରଦୀପ କୁମାର ସାହୁ, କଳିଙ୍ଗ କୁମାର ସାହୁ,



ସେଠାରେ ଏକ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାସହ ଶୂନ୍ୟବାସୀଙ୍କର ଷୋଡ଼ଶ ଉପଚାର ପୂଜା ସାଙ୍ଗକୁ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଘୃତାହୁତି ପ୍ରଦାନ ଓ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସୋଲର ଯଜ୍ଞରେ ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥି ଆସିଥିଲେ। ନଳଗଜା ଗ୍ରାମର ସରପଞ୍ଚ ପୁନିଙ୍ଗି ହାସଁଦା, ସମିତି ସଭ୍ୟ କିଶୋର କୁମାର ବେହେରା, ୱାର୍ଡ ମେମ୍ବର ଜୟନ୍ତୀ ହେମ୍ବ୍ରମ, ବବିତା ପାଲ, ରୁଦ୍ରାଣୀ ପାଲ, ସୁକାନ୍ତି ମୁର୍ମୁ, ଘାସିରାମ ବେହେରା, ହେମନ୍ତ କୁମାର ମଲ୍ଲିକ, ରମନ୍ଦ୍ରେ ମହାନ୍ତି, ସୁକାନ୍ତ କୁମାର ନାୟକ, ଆର୍ତ୍ତତ୍ରାଣ ସେଠୀ, ସ୍ୱାଗତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସେବକ ଦିବ୍ୟ ରଞ୍ଜନ ଦାସ ପରିଚାଳନା କରିଥିଲେ।

**ବାମନଘାଟି ଉପଖଣ୍ଡକୁ ଅବହେଳା ଅଭିଯୋଗ**

# ପ୍ରତିବାଦରେ ଭଞ୍ଜସେନାର ସାଇକଲ ରାଲି

**ରାଇରଙ୍ଗପୁର, ୪।୩(ସମିସ)**



ଆଦିବାସୀ ବହୁଳ ମୟୂରଭଞ୍ଜର ଜିଲ୍ଲାର ୪ଟି ଉପଖଣ୍ଡ ମଧ୍ୟରୁ ବାମନଘାଟି ସବୁଠାରୁ ଅବହେଳିତ। ଏଠାରେ ଲୌହ ଖଣିଜ ସମ୍ପଦ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ଆଖିଦୃଷିଆ ବିକାଶ ହୋଇପାରିନାହିଁ। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ବିକାଶର ପାଦ ଆଜି ପର୍ଯ୍ୟନ୍ତ ଅଞ୍ଚଳରେ ପଡ଼ିନାହିଁ। ସବୁକ୍ଷେତ୍ରରେ ଏହି ଉପଖଣ୍ଡ ଅବହେଳିତ। ଜନପ୍ରତିନିଧିଙ୍କ ଅପାରଗତା ଏବଂ ଜନସାଧରଙ୍କ ସରଳତା ଯୋଗୁଁ ଏହି ଉପଖଣ୍ଡରେ ମୌଳିକ ସମସ୍ୟା ଦୂର ହୋଇପାରିନାହିଁ। ତେଣୁ ଏହାର ପ୍ରତିବାଦ ଜଣାଇ ଭଞ୍ଜସେନା ପକ୍ଷରୁ ଏକ ସଚେତନତା ରାଲି ଆରମ୍ଭ ହୋଇଛି। ଦାବି ମଧ୍ୟରେ ଉପଖଣ୍ଡରେ ଥିବା ସମସ୍ତ ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବୀ ଅଭିଜ୍ଞ ଡାକ୍ତର ଓ କର୍ମଚାରୀ ପଦ ପୂରଣ, ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଗଠନ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଆର୍ଥିକ କ୍ଷମତା ପ୍ରଦାନ, ବହଳଦାକୁ ଏନଏସି ମାନ୍ୟତା, ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)କୁ କେବଳ ଖଣି ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବେଶ ସନ୍ତୁଳନ ଉପରେ ଖର୍ଚ୍ଚ କରାଯାଉ, ଫୁଟବଲ ଏକାଡେମୀ ପ୍ରତିଷ୍ଠା, ରାଇରଙ୍ଗପୁର ସହରରେ ମହତାବ ଭବନ (ଟାଉନ ହଲ)କୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା, ଖଣିଜ ଭିତ୍ତିକ ଲୌହ ଶିଳ୍ପ ପ୍ରତିଷ୍ଠା, ପ୍ରସ୍ତାବିତ ଭାଲୁବସା -ପୁରୁଣାପାଣି ବାଇପାସ ରୋଡ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ଆଦି ଅନ୍ତର୍ଭୁକ୍ତ। ଭଞ୍ଜସେନା ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କ ତତ୍ତ୍ୱାବଧାନ ଏବଂ ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁଙ୍କ ନେତୃତ୍ୱରେ ସୋମବାର ସକାଳେ ଗୋରୁମହିଷାଣୀ ବଜାର ସ୍ଥିତ ସହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପୂଜାର୍ଚ୍ଚନା ସାରି ପ୍ରଥମଦିନର ସଚେତନତା ସାଇକେଲ ରାଲି ତିରିଂ ଅଭିମୁଖେ ବାହାରିଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ସାଇକଲ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହିତ ଏକ ଦାବିପତ୍ର ମଧ୍ୟ ସଂଗଠନ ପକ୍ଷରୁ ସାଧାରଣ ଜନତାଙ୍କୁ ପ୍ରଦାନ କରି ବାମନଘାଟି ଉପଖଣ୍ଡ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ କିଭଳି କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ହି ପଦଯାତ୍ରା ଛଅ ଦିନ ଧରି ଚାଲିବ। ଆଦିବାସୀ ଶାଖା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମୁର୍ମୁ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ, ସୁନୀଲ ବାସ୍କେ, ଶ୍ରୀରାମ ମୁର୍ମୁ, ରଘୁ ମୁର୍ମୁ, ସିପାଲ ହାଁସଦା, ସୁନୀଲ ମୁର୍ମୁ, କରନ ମୁର୍ମୁ, ଫାଗୁ ମୁର୍ମୁ, ରାମ ମୁର୍ମୁ, କ୍ରିଷ୍ଣା ମାରାଣ୍ଡି, ମାନସିଂ ମୁର୍ମୁ ପ୍ରମୁଖ ବହୁ ଯୁବକ ସଂଗଠକ ଉପସ୍ଥିତ ଥିଲେ।

# ଜାତୀୟ ନିରାପତ୍ତା ଦିବସ ପାଳିତ

**ବାରିପଦା, ୪।୩(ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ନିରାପତ୍ତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏକ ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ସଭାପତିତ୍ୱ କରି




ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସମ୍ପର୍କିତ ବିଭିନ୍ନ ସତର୍କ ସୂଚନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଭାବେ ଲକ୍ଷ୍ମୀପ୍ରିୟା ହାବୋଡ଼ା, ରୂପାଲୀ ନାଏକ ଓ ଦେବଶ୍ରୀ କାଣ୍ଡିଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମହେଶ ସେଠୀ ଓ ମୃତ୍ୟୁଞ୍ଜୟ ପ୍ରଧାନଙ୍କର ସଂଯୋଜନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଶା ବେହେରା, ସୁମିତ୍ରା ତରେଇ ଓ ମିଲି ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ।

**● ପାଲବଣିରେ ବାସ୍କେ ପାରିସଙ୍କ ଜରୁରୀ ବୈଠକ ଓ ନୂତନ କର୍ମକର୍ତ୍ତା**

# ଲାଲମୋହନ ସଭାପତି ଓ ଈଶ୍ୱର ସାଧାରଣ ସମ୍ପାଦକ

**ବାରିପଦା, ୪।୩(ସମିସ):** ପାଲବଣିଠାରେ ବାସ୍କେ ପାରିସ୍‌ଙ୍କ ନିମନ୍ତେ ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ଉପଖଣ୍ଡରୁ ନେତୃତ୍ୱ ମଣ୍ଡଳୀ ଯୋଗ ଦେଇଥିଲେ। ଆସନ୍ତା ୨୪ତାରିଖରେ ବିଶୋଇଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ରାଜ୍ୟ ବାସ୍କେ ପାରିସ୍ ସମ୍ମିଳନୀ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବାସ୍କେ ପାରିସ ଲୋକେ କିଭଳି ଭାବରେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ସେ ନେଇ ବିଶେଷ ଆଲୋଚନା ହୋଇଥିଲା। ବାସ୍କେ ପାରିସ ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହିତ ଏକ ସଙ୍ଗଠନ ନିର୍ମାଣ କରିବା ଲକ୍ଷ୍ୟ ନେଇ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏମାନଙ୍କ ସାମାଜିକ, ଆର୍ଥିକ, ଶିକ୍ଷା, ଚାକିରି ଏବଂ ବ୍ୟବସାୟ ମଧ୍ୟରେ ଭାଗିଦାରୀ ଏବଂ ବର୍ତ୍ତମାନର ବ୍ୟବସ୍ଥା ବାବଦରେ ଆଲୋଚନା କରାଯାଇଛି। ବିଶେଷ ଭାବେ ଛାତ୍ରଛାତ୍ରୀ ତଥା ଯୁବବର୍ଗଙ୍କ ପାଠ ପଢ଼ିବା ସଙ୍ଗେ ସଙ୍ଗେ ସମାଜରେ ସେମାନଙ୍କର ଭୂମିକା କ'ଣ ରହିବା ଦରକାର ସେ



ନେଇ ଆଲୋଚନା ହୋଇଛି। ଏହି ଅବସରରେ କମିଟିର ନୂତନ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ସଭାପତି ଭାବେ ଲାଲମୋହନ ବାସ୍କେ, କାର୍ଯ୍ୟକାରୀ ସଭାପତିଭାବେ ଯଦୁନାଥ ମାଝୀ (ବାସ୍କେ), ଉପସଭାପତିଭାବେ ଅନାଦି ଚରଣ ବାସ୍କେ, ଦିଲ୍ଲୀପ କୁମାର ବାସ୍କେ, ଦାଶରଥୀ ବାସ୍କେ ଓ ବାଲକରାମ ବାସ୍କେ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଈଶ୍ୱରଚନ୍ଦ୍ର ବାସ୍କେ, ସହସାଧାରଣ ସମ୍ପାଦକଭାବେ ମୋହନ ବାସ୍କେ, କୋଷାଧ୍ୟକ୍ଷ ଆନ୍ତା ଆଲୋକ ବାସ୍କେ, ସହକୋଷାଧ୍ୟକ୍ଷ ଭାବେ ଲକ୍ଷ୍ମଣ ବାସ୍କେ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗୋପୀନାଥ ବାସ୍କେ, ନଳୀନ କୁମାର ବାସ୍କେ, ସୁରେନ୍ଦ୍ର ବାସ୍କେ, ପ୍ରଦୀପ ବାସ୍କେ, ରାଜେନ୍ଦ୍ର କୁମାର ବାସ୍କେ, ଭଞ୍ଜକିଶୋର ବାସ୍କେ, ସନ୍ତୋଷ କୁମାର ବାସ୍କେ, ଫିରାଇଲାଲ ବାସ୍କେ, ସମ୍ରାଇ ବାସ୍କେ, ଲଗେନ ବାସ୍କେ, ଚରଣ ବାସ୍କେଙ୍କୁ ନିଆଯାଇଛି। କାର୍ଯ୍ୟକ୍ରମ ଜରିଆରେ ନୂତନ ଆଶା ଏବଂ ଅଭିଳାଷା ଜାଗ୍ରତ ହେବା ସହିତ ସମାଜରେ ବନ୍ଧୁତାର ଜାଗରଣ ହେବ ବୋଲି ଆକଳନ କରାଯାଇଛି।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ମୋରଡ଼ା, ୪।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଚିତ୍ରଡା ଫାଣ୍ଡି ଅନ୍ତର୍ଗତ କୋହି ପଞ୍ଚାୟତର ବଡବିଲା ଗ୍ରାମରେ ଜଣେ ଯୁବକଙ୍କୁ ସାପକାମୁଡି ଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବଡବିଲା ଗ୍ରାମର ସୁନାରାମ ମାରାଣ୍ଡି (୩୫)। ସୂଚନା ଅନୁଯାୟୀ ସୁନାରାମ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ପ୍ରଥମେ ବାରମାଇଲ ସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ; ହେଲେ ଅବସ୍ଥା ଗୁରୁତର ହେବାରୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।










# ବିଶ୍ୱ ଲାଇନ ମ୍ୟାନ୍ ଦିବସରେ ରକ୍ତଦାନ

**ବାରିପଦା, ୪।୩(ସମିସ):** ବିଶ୍ୱ ଲାଇନ ମ୍ୟାନ ଦିବସକୁ ନିଆରା ଢଙ୍ଗରେ ଦୁଇ ଜଣ ଲାଇନ ମ୍ୟାନ ପାଳନ କରିଛନ୍ତି। ସୋମବାର ବାରିପଦା ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ଦୁଇ ଲାଇନ ମ୍ୟାନ ରକ୍ତଦାନ କରିଛନ୍ତି। ସେମାନେ ହେଲେ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା (ଟିପିଏନଓଡିଏଲ) ର ବାରିପଦା ଡିଭିଜନ ଅନ୍ତର୍ଗତ କୁଳିଅଣା ସେକ୍ସନର



ଲାଇନ ମ୍ୟାନ ତପନ ମହାନ୍ତ ଏବଂ ସୁକାନ୍ତ ମହାନ୍ତ। ନେସ୍କୋ ପାୱାର ଏମ୍ପ୍ଲୟିଜ ୟୁନିୟନ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ନିର୍ଦ୍ଦେଶକ୍ରମେ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୂର କରିବା ଲକ୍ଷ୍ୟ ନେଇ ରକ୍ତଦାନ କରିଥିବା ନେଇ ସେମାନେ କହିଛନ୍ତି। ଦେବାଶିଷ ବେହେରା, କେଦାର କୁମାର ସିହ୍ନା, ସିଧେଶ୍ୱର ମହାପାତ୍ର, ପ୍ରତୀକ ମହାପାତ୍ର, ମହେନ୍ଦ୍ରନାଥ ମହାନ୍ତ ପ୍ରମୁଖ ବିଦ୍ୟୁତ ବିଭାଗ କର୍ମଚାରୀ ଉଭୟଙ୍କୁ ଉତ୍ସାହିତ କରିଥିଲେ।




# ଚାଷୀଙ୍କୁ ସ୍ୱାବଲମ୍ବୀ କରିଛି ବୋଇତାଲୁ ଚାଷ

**ଖୁଣ୍ଟା, ୪।୩(ସମିସ):** ସମବାୟ ବିଭାଗ ଦ୍ୱାରା ପରିଚାଳିତ ଇ-ନାମ ଯୋଜନାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ନିୟନ୍ତ୍ରିତ ବଜାର କମିଟି, ଉଦଳା ଇ-ନାମ ମଣ୍ଡି ମାଧ୍ୟମରେ ୨୧୯ଟି କୃଷିଜାତ ଦ୍ରବ୍ୟର ବିକ୍ରିବଟା




ବ୍ୟବସ୍ଥା କରାଯାଇଛି। ଶିମିଳିପାଳ କୃଷି ଉତ୍ପାଦକ ସଂଗଠନ ଓରମାସ୍ ସଂସ୍ଥା ଅଧୀନରେ ଖୁଣ୍ଟା ବ୍ଲକ ରହିଛି। ଏହି ସଂସ୍ଥା ୧୨୧୫ ଚାଷୀଙ୍କୁ ନେଇ ପରିଚାଳିତ ହେଉଛି।

ଇ-ନାମ ମଣ୍ଡି ଉଦଳା ଅଧୀନରେ ଉକ୍ତ ସଂଗଠନ ଚାଷୀଙ୍କ ଉତ୍ପାଦିତ ବିଭିନ୍ନ ପ୍ରକାରର କୃଷିଜାତ ସାମଗ୍ରୀର କିଣାବିକା ପାଇଁ ପଞ୍ଜୀକୃତ ହୋଇଛି। ଆଜି ଉକ୍ତ ଚାଷୀ ସଙ୍ଗଠନ ବୋଇତାଲୁ/କଖାରୁ କିଲୋ ପ୍ରତି ୧୧ ଟଙ୍କା ହିସାବରେ ୨୦ କ୍ୱିଣ୍ଟାଲ ବିକ୍ରକରି ୨, ୨୦୨୨ ଟଙ୍କା ପାଇଛନ୍ତି। ଏହାର ସମସ୍ତ ରାଶି ସିଧାସଳଖ ଉତ୍ପାଦକ କମ୍ପାନୀର ପଞ୍ଜୀକୃତ ବ୍ୟାଙ୍କ ଆକାଉଣ୍ଟକୁ ଇ-ନାମ ପୋର୍ଟାଲ୍ ମାଧ୍ୟମରେ ପଠାଯାଇଛି; ଯାହାକି ଉକ୍ତ ସଂଗଠନର ଚାଷୀଙ୍କୁ ବେଶ୍ ସ୍ୱାବଲମ୍ବୀ କରିପାରିଛି। ଏହି କିଣାବିକା ଉଦଳା ମଣ୍ଡିର ବିଶ୍ଳେଷକ ବିନୀତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ସୂଚନା ମିଳିଛି। ସଂଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସଚନ୍ଦ୍ର କିସ୍କୁ, ପ୍ରକଳ୍ପ ସଂଯୋଜକ ସୁବ୍ରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କିଣାବିକା ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ନିୟନ୍ତ୍ରିତ ବଜାର କମିଟି ଉଦଳା (ଇ-ନାମ ମଣ୍ଡି)ର ସମ୍ପାଦକ କୀର୍ତ୍ତନ ଚନ୍ଦ୍ର ପାତ୍ର କହିଛନ୍ତି।



**ନୂତନ ଜିଲ୍ଲାପାଳଙ୍କ ପ୍ରଥମ ଜନଶୁଣାଣି ଶିବିର**

# ୨୫୨ଟି ଅଭିଯୋଗ ଆଗତ; ୮ଟିର ତତ୍କାଳ ସମାଧାନ

ବାରିପଦା, ୪।୩(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣାଙ୍କ ମିଳିତ ତତ୍ତ୍ୱାବଧାନରେ ସୋମବାର ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ଶେଷ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ୨୫୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବାବେଳେ ୨୧୭ଟି ବ୍ୟକ୍ତିଗତ ଏବଂ ୨୭ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ରହିଥିଲା। ଶିବିରରେ ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଅଭୟ



କୁମାର ଦାଶ ଯୋଗଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମଧ୍ୟ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ବାରିପଦା ଉପଖଣ୍ଡ ଅନ୍ତର୍ଗତ ୧୦ଟି ବ୍ଲକର ବିଭିନ୍ନ ସ୍ଥାନରେ ଜଳଯୋଗାଣ, ଜମି ସୀମାଙ୍କନ, ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସା ଜନିତ ଆବଶ୍ୟକ ସୁବିଧା ଗମନାଗମନ, ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା, ବାସଗୃହ ଜନିତ ସମସ୍ୟା ସମ୍ପର୍କିତ ଅଭିଯୋଗ ସର୍ବାଧିକ ଥିଲା। ଅଭିଯୋଗ ମଧ୍ୟରୁ ମୋଟ ୮ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ସରକାରଙ୍କର ମୋ ଘର ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଉପରେ ବିଚାର କରି ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ସୂଚନା ଦେଇଛନ୍ତି।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ବହଳଦା, ୪।୩(ସମିସ): ଫୋନରୁ ବନ୍ଧୁତା। ପରେ ପ୍ରେମ। ଆଉ ତାପରେ ଯୁବତୀକୁ ନେଇ ଫେରାର। ଏବେ ପୁଲିସ ହାଜତରେ ରୋମିଓ। ଏଭଳି ଏକ ଘଟଣା ଘଟିଛି ବହଳଦା ଥାନା ଅଞ୍ଚଳରେ। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ଥାନା ଅନ୍ତର୍ଗତ ନୂଆଡିହି ଗ୍ରାମର ଜଣେ ଛାତ୍ରୀ ବହଳଦାସ୍ଥିତ ଧୀରଜଲାଲ କଲେଜ +୨ ପ୍ରଥମ ବର୍ଷରେ ପାଠ ପଢୁଛନ୍ତି। କଲେଜ ଯିବା ଆସିବା କରିବା ଅସୁବିଧା ଯୋଗୁ ସେ ନିମଡିହିରେ ଏକ ଘରଭଡ଼ା ନେଇ ରହୁଥିଲେ। ବାପା ମା' ଦିନମଜୁରିଆ। ସ୍ୱଳ୍ପ ଆୟରେ ବି ଝିଅର ପାଠପଢ଼ାରେ ଆବଶ୍ୟକତା ଭାବି ଏକ ମୋବାଇଲ ଦେଇଥିଲେ; ହେଲେ ସେହି ମୋବାଇଲ ଝିଅକୁ ବରବାଦ କରିଦେଲା। ଫେସବୁକ ବନ୍ଧୁତା ହେଇଗଲା ଜାମଦା ଥାନା ଅଧୀନ ଶାଗଯଡି ଗାଁ ଗଙ୍ଗା ଲୋହାରଙ୍କ ପୁ ରାଜେଶ ଓରଫ ଘାସିଆ ଲୋହାର ସହିତ। ବାରମ୍ବାର ଫୋନରେ କଥାବାର୍ତ୍ତା, ଫେସବୁକ୍ ଚାଟିଙ୍ଗରୁ ପ୍ରେମ ହୋଇଗଲା। ଓଡ଼ିଶା ଅପେରାରେ ଡ୍ରାଇଭର ଭାବେ କାମ କରୁଥିବା ଘାସିଆ ପକ୍କା ରୋମିଓ ଥିଲା। ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇବା ପୂର୍ବରୁ ତାର ୭ଜଣ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଫେବୃଆରୀ ୭ ତାରିଖ ଛାତ୍ରୀ ଜଣକ ଭଡାଘରୁ ଉଠାଇ ନେଇ ଫେରାର ହୋଇଗଲା ପ୍ରେମିକ। ଏପଟେ ନାବାଳିକା ଝିଅକୁ ନ ପାଇ ମା'ବହଳଦା ଥାନାରେ ଲିଖିତ ଅଭିଯୋଗ କଲେ। ଆଇଆଇସି ବୀରେନ୍ଦ୍ର ରାଉତ ଘଟଣାର ତଦନ୍ତ ଆରମ୍ଭ କଲେ। ପରେ ଫୋନ ଟ୍ରାକିଂ କରି ଓଡ଼ିଶା ଅପେରା ଯାଜପୁର ଜିଲ୍ଲା ଜେନାପୁର ଅଞ୍ଚଳରେ ଯାତ୍ରା କ୍ୟାମ୍ପ ପକାଇଥିବା ଜାଣିବା ପରେ ଆଇଆଇସି ନିଜ ଟିମ୍ ସହ ଯାଇ ଉଭୟଙ୍କୁ ଦାନଗଦି ଫାଣ୍ଡି ଅଞ୍ଚଳରୁ ଉଦ୍ଧାର କରି ବହଳଦା ଆଣିଥିଲେ। ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତ ଘାସିଆକୁ ପକ୍ସୋ ଆଇନ ଅନୁଯାୟୀ ଆଜି ବାରିପଦା କୋର୍ଟରେ ହାଜର କରାଯିବା ନେଇ ତଦନ୍ତକାରୀ ଅଧିକାରୀ ଆଇଆଇସି ଶ୍ରୀ ରାଉତ ସୂଚନା ଦେଇଛନ୍ତି।

## ଶ୍ରୀଶ୍ରୀ ଗୋପୀନାଥ ଜୀଉ ଭାଗବତ ଟୁଙ୍ଗିରେ ପାରାୟଣ ମହୋତ୍ସବ

ବୈଶିଙ୍ଗା/ ନାଖରା, ୪।୩ (ସମିସ): ପାଟଳିପୁରା ପଞ୍ଚାୟତ ଅନ୍ତର୍ଗତ ନାଖରାରେ ସପ୍ତାହ ବ୍ୟାପୀ ଶ୍ରୀଶ୍ରୀ ଗୋପୀନାଥ ଜୀଉ ଭାଗବତ ଟୁଙ୍ଗୀରେ ଭାଗବତ



ପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ୫ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଶରତ ଚନ୍ଦ୍ରପଣ୍ଡା, ମଧୁସୂଦନ ଦାଶ ଓ ସତ୍ୟରଞ୍ଜନ ରଥ ଅଧିକାରୀଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା କରାଯାଇଥିଲା। ନିୟମିତ ଭାଗବତ ପାଠ ମାଧ୍ୟମରେ ନକାରାମକ ପନ୍ଥାକୁ ପରିତ୍ୟାଗ କରି ଧାର୍ମିକ ଚେତନା ଜାଗ୍ରତ ହେବାପାଇଁ ଶ୍ରଦ୍ଧାଳୁଙ୍କୁ ଦିଗଦର୍ଶନ ଦେଇଥିଲେ। ଦଧିବାମନ ଜୀଉ ମହାରାଜ ନୟାଗଡ଼ କୁରାଳ ମଠରୁ ଓ ସାଥୀ ବୃନ୍ଦ ସନ୍ଧ୍ୟା ସମୟରେ ଆଧ୍ୟାତ୍ମିକ ଚେତନା ଉପରେ ପ୍ରବଚନ ଦେଇଥିଲେ। ଭାଗବତ ପାରାୟଣ ମାଧ୍ୟମରେ ଶ୍ରଦ୍ଧାଳୁମାନେ ନିଷ୍ଠାପର ସହିତ ପୂଜାର୍ଚ୍ଚନା କରୁଥିଲେ। ପ୍ରତି ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ଆଳତୀ ସହିତ ହରିନାମ ସଂକୀର୍ତ୍ତନ କରାଯିବା ସହ ଭକ୍ତ ବୃନ୍ଦ ପ୍ରସାଦ ସେବନ କରୁଥିଲେ। ପ୍ରଦୀପ ନାରାୟଣ ମିଶ୍ର ଓ ସାଥୀ ବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସର୍ବଶେଷରେ ରାଧାକୃଷ୍ଣ ବେଶରେ ଦଧି ହାଣ୍ଡି ଓ ସଂକୀର୍ତ୍ତନ ଦଳ ସହିତ ଗାଁ ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ମହାଳିକ, ବେଣୁଧର ଦାସ, ଚୈତନ୍ୟ ଖଣ୍ଡା, ମହେଶ୍ୱର ମହାଳିକ, ଶିବପ୍ରସାଦ ସାମଲ, ରମେଶ ଚନ୍ଦ୍ର ବେହେରା, ଉମାକାନ୍ତ ଚଣ୍ଡ, ସୁଧାକର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ସବ୍‌ପୋଷ୍ଟମାଷ୍ଟରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବେତନଟୀ, ୪।୩(ସମିସ): ବେତନଟୀ ଉପଡ଼ାକଘରର ସବ-ପୋଷ୍ଟମାଷ୍ଟର ସୂର୍ଯ୍ୟାନନ୍ଦ ସୋରେନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଳିଅଣା-ବି ଶାଖା ଡାକଘର ଅଧିକାରୀ ଶରତଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେତନଟୀ ଉପ ଡାକଘର ଅଧୀନ ଶାଖା ଡାକଘରରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସୂର୍ଯ୍ୟାନନ୍ଦ ଦାୟିତ୍ୱବାନ, କର୍ମନିଷ୍ଠ, ସମୟାନୁବର୍ତ୍ତିତାକୁ ପ୍ରାଥମିକତା ଦେଇଆସିଥିବା ଅଧିକାରୀଙ୍କ ସହିତ କାମ କରିବାର ଅନୁଭୂତିକୁ ବାଣ୍ଟିଥିଲେ। ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ମଧ୍ୟ ଜଡିତ ରହିଛନ୍ତି। ଏହି ବହୁ ଡାକ କର୍ମଚାରୀ ସମେତ ଏଜେଣ୍ଟ ପ୍ରଭାକର ବେହେରା, ଅଶୋକ ସାହୁ, ବିଜୟ ପାତ୍ର, ମହେଶ୍ୱର ବାରିକ, ସାବିତ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଏବଂ ଉପାୟନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଶେଷରେ ସାରିଆ ଶାକାଡାକଘର ଅଧିକାରୀ ରତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳାରେ ଖାଉଟି କଲ୍ୟାଣ ସେଣ୍ଟର ଉଦ୍‌ଘାଟିତ



ଉଦଳା, ୪।୩(ସମିସ): କେନ୍ଦ୍ର ସରକାର ଖାଉଟିଙ୍କ ହିତ ଉଦ୍ଦେଶ୍ୟରେ କପ୍ତିପଦା ଉପଖଣ୍ଡର ଉଦଳା ଦମକଳ କେନ୍ଦ୍ର ସାମ୍ନାରେ ଏକ ବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ଅବସରପ୍ରାପ୍ତ ସେନା ଡାକ୍ତର ପ୍ରକାଶ କୁମାର ନାୟକ ଉଦଘାଟନ କରିଥିଲା। ଏହି କେନ୍ଦ୍ର ନାଫେଡ଼, ଏନସିସିଏଫ, କେନ୍ଦ୍ରୀୟ ଭଣ୍ଡାର ସହ ଅନ୍ୟ ଖୁଚୁରା ଦୋକାନ ହିସାବରେ ଉପଲବ୍ଧ ହେବ। ଏହି କେନ୍ଦ୍ରରେ ଚାଉଳ କେଜି ପିଛା ୨୯ ଟଙ୍କା, ଅଟା କେଜି ପିଛା ୨୭ ଟଙ୍କା ୫୦ ପଇସା, ଡାଲି ୬୦ ଟଙ୍କା ରହିଥିବା ବେଳେ ବଜାର ଦରଠାରୁ ଏହା କମ ରହିବ। ଉପଭୋକ୍ତାମାନେ କେନ୍ଦ୍ରକୁ ଆସି ନିର୍ଦ୍ଧାରିତ ମୂଲ୍ୟରେ ସାମଗ୍ରୀ କିଣିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ପିଆଜ ମଧ୍ୟ ୨୫ ଟଙ୍କାରେ ଏହି କେନ୍ଦ୍ରରେ ମିଳିବ ବୋଲି କୁହଯାଇଛି। ଉଦଘାଟନ ଉତ୍ସବରେ କପ୍ତିପଦା ସି. ଇ.ଓ. ସାଇପ୍ରକାଶ ମଡୁଆଲ, ଉଦଳା ସି. ଇ.ଓ. ରବୀନ କୁମାର ନାୟକ, (ଦେବକୁଣ୍ଡ ଫେଡ଼ ଫାର୍ମରସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼), ନିର୍ଦ୍ଦେଶକ ସୁଶିଲ କୁମାର ମହାନ୍ତ, ପରିଚାଳକ ଅମିତ କୁମାର ପୃଷ୍ଟି, ଶଶିପ୍ରଭା ଦାସ, ମାଳତୀ ହେମ୍ବ୍ରମ, ସେୟାର ହଲଡର ସୁଶାନ୍ତ ବାରିକ, ଇଂ. ନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ୫ଲକ୍ଷ ଟଙ୍କାର ଚମଡ଼ା ଜବତ; ୩ ଗିରଫ




ବହଳଦା, ୪।୩(ସମିସ): ସୋମବାର ସକାଳେ ବହଳଦା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏକ ଚମଡା ବୋଝେଇ ଟ୍ରକକୁ ପୁଲିସ ଅଟକ ରଖିବା ସହିତ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ବହଳଦା ଥାନା ଅନ୍ତର୍ଗତ ଦୁଦୁ ଗାଁରୁ ଏକ ଟ୍ରକ ଯୋଗେ ଚମଡା କଲିକତା ଚାଲାଣ ହେଉଥିବା ବେଳେ ବହଳଦା ଆଇଆଇସି ବୀରେନ୍ଦ୍ର କୁମାର ରାଉତ, ଏଏସଆଇ ସ୍ମୃତିରଞ୍ଜନ ସ୍ୱାଇଁ, ଏଏସଆଇ ଦେବଦତ୍ତ ମହାନ୍ତ ଚଢ଼ଉ କରିଥିଲେ। ପରେ ଟ୍ରକରୁ ୧୪ ଟନ ଗୋରୁ ଚମଡାକୁ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଡ୍ରାଇଭର ଭଦ୍ରକ ଅଞ୍ଚଳର ଶେଖ ମୁରାଦା, ଶେଖ ସାକିଲ ଓ ରମଜାନ ଖାଁ। ସୂଚନାଯୋଗ୍ୟ ଯେ, ଏ ଅଞ୍ଚଳରୁ ପ୍ରତ୍ୟେକ ଦିନ ଗୋମାଂସ ଓ ଚମଡା ବେଧଡକ ଭାବେ ଚାଲାଣ ହେଉଛି। ତେଣୁ ପୁଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଦେଶୀ ମଦ ଜବତ; ୩ ଗିରଫ

ମୋରଡା, ୪।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ମୋରଡା ବ୍ଲକରେ ଦିନକୁ ଦିନ ଚୋରା ଦେଶୀ ମଦ ବେପାର ବଢ଼ିବାରେ ଲାଗିଛି। ଆଜି ମୋରଡ଼ା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଉଫାଳଗଡ଼ିଆ ଗ୍ରାମର ନିମାଇଁ ହେମ୍ବ୍ରମ, ଖେଲା ହେମ୍ବ୍ରମଙ୍କ ନିକଟରୁ ୨୨ ଓ ୨୫ ଲିଟର ଚୋରା ଦେଶୀ ମଦ ଜବତ ହୋଇଥିବା ବେଳେ ଧାନଶୋଳ ଗ୍ରାମର ସୀତା ବିନ୍ଧାଣୀଙ୍କ ନିକଟରୁ ୨୫ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୮ ପେଟି କଫ୍‌ସିରପ ଜବତ; ଜଣେ ଗିରଫ

କୁଳିଅଣା, ୪।୩(ସମିସ): କୁଳିଅଣା ଥାନା ୧୮ ନମ୍ବର ଜାତୀୟ ରାଜପଥ ଗାଙ୍ଗରାଜଠାରେ ଏକ ଗାଡ଼ିରୁ ୮ ପେଟି କଫ୍‌ସିରପ ଜବତ ହୋଇଛି। ଉକ୍ତ ଥାନା ଅନ୍ତର୍ଗତ ଶୁଖୁଆପୋଡ଼ା ଗ୍ରାମର ରାକେଶ ପ୍ରସାଦ ସାହା ଗାଡ଼ିରେ କଫସିରପ ନେଇ ବାରିପଦା ପଟୁ ଆସୁଥିବା ଖବରପାଇ ପୁଲିସ ତାକୁ ଧରିଥିଲା। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କପ୍ତିପଦା, ୪।୩(ସମିସ): କପ୍ତିପଦା ବ୍ଲକ ସରବସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ରାଉତଙ୍କୁ




ବିଦରୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଭଗବାନ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସନ୍ତୋଷ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ନୁହାମାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚକ୍ରପାଣି ଦଳେଇ, ସମ୍ମାନିତ ବକ୍ତା ଭାବେ ଭଣ୍ଡାରିପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସହଦେବ ବେହେରା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସନବଣି ପ୍ରଧାନ ଶିକ୍ଷକ ପଙ୍କଜ ବେହେରା, ଶିକ୍ଷକ ମାନସ ରଞ୍ଜନ ସେଠୀ, ସହକାରୀ ଶିକ୍ଷୟିତ୍ରୀ ସୈଦାମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀ ରାଉତ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ଶେଷରେ ବିଦ୍ୟାଳୟ ଓ ପରିଚାଳନା କମିଟି ପକ୍ଷରୁ ବିଦାୟି ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଶିକ୍ଷକ ଶ୍ରୀ ରାଉତଙ୍କୁ ଫୁଲତୋଡା ଦେଇ ବିଦାୟ ଦେଇଥିଲେ।

## ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ସଫଳତା

ବୈଶିଙ୍ଗା, ୪।୩(ସମିସ): ଜାତୀୟ ଗ୍ରାମାଞ୍ଚଳ ମେଧା ବୃତ୍ତି ପରୀକ୍ଷାର ଫଳାଫଳ ଶନିବାର ଘୋଷଣା ହେବା ପରେ ବେତନଟୀ ବ୍ଲକର ୧୦ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ବୈଶିଙ୍ଗା ଥାନା ଅଧୀନ ବାଳକା ଉଚ୍ଚ ବିଦ୍ୟାଳୟରୁ ୪ ଜଣ, ଶ୍ରେୟମ ସାହୁ (୮୩ ନମ୍ବର), ପ୍ରିୟଙ୍କା ମହାପାତ୍ର (୮୨ ନମ୍ବର), ଲିପ୍ସିତା ପରିଡ଼ା (୮୨ ନମ୍ବର) ରଖି ମୟୂରଭଞ୍ଜ ଜିଲ୍ଲାର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏଥିସହିତ ଧୀରଜ କୁମାର ଦାସ (୭୪ ନମ୍ବର) ମଧ୍ୟ ବେତନଟୀ ବ୍ଲକ ସ୍ତରରେ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ବ୍ଲକ ସ୍ତରରେ ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟର ଅଲିଭା ରାଉତ (୭୯ ନମ୍ବର) ଚତୁର୍ଥ ସ୍ଥାନ, ସନ୍ତରା ସ୍ଥିତ ଜନତା ଉଚ୍ଚ ବିଦ୍ୟାଳୟର ତାପସ ରଞ୍ଜନ ବିଶ୍ୱାଳ (୭୩ ନମ୍ବର) ଷଷ୍ଠ ସ୍ଥାନ, ଗଡ଼ଦେଉଳିଆ ସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ର ଜୟଦେବ ହାଁସଦା (୬୪ ନମ୍ବର) ସପ୍ତମ ସ୍ଥାନ, ମେର୍ଦ୍ଦା ଉଚ୍ଚ ବିଦ୍ୟାଳୟର ରଶ୍ମି ମୁର୍ମୁ (୬୨ ନମ୍ବର) ଅଷ୍ଟମ, ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ଜୀବନ ଜ୍ୟୋତି ବାବୁ (୫୬ ନମ୍ବର) ନବମ ଏବଂ ଦୀପକ କୁମାର ସେନାପତି (୫୪ ନମ୍ବର) ଦଶମ ସ୍ଥାନ ଅଧିକାର କରିଛନ୍ତି।

## ବ୍ରାହ୍ମଣ ମହାସଭାର ଉପଖଣ୍ଡସ୍ତରୀୟ ବୈଠକ

ଉଦଳା, ୪।୩(ସମିସ): ରବିବାର ଅପରାହ୍ନରେ ଉଦଳା ମହାବିଦ୍ୟାଳୟ ନିକଟ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ସଂଘର ସଭାପତି ସତ୍ୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ସଂଘ ତରଫରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ନେଇ ଚୂଡାନ୍ତ ନିଷ୍ପତ୍ତି ହୋଇଛି। ଆଜୀବନ ସଭ୍ୟ ଭାବେ ଶିରିଶ ଚନ୍ଦ୍ର ମହାପାତ୍ର, ବୁଦ୍ଧେଶ୍ୱର କୁମାର ଚକ୍ରବର୍ତ୍ତୀ, ଇନ୍ଦିରା ଶତପଥୀ, ମନୋରଞ୍ଜନ ପତି ଓ ମନୋରଞ୍ଜନ ମହାପାତ୍ରଙ୍କୁ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ସଂଘର ଉପସଭାପତି ଭାବେ ଶ୍ରୀ ମହାପାତ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଗଲା। ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କମିଟି ଗଠନ କରାଯାଇ ଯଜ୍ଞ କିପରି ସୁଚାରୁ ରୂପେ ହୋଇପାରିବ ସେଥି ନିମନ୍ତେ ପଦକ୍ଷେପ ନେବାପାଇଁ ସମ୍ପାଦକ ରଞ୍ଜନ କୁମାର ପ୍ରହରାଜଙ୍କୁ ଦାୟିତ୍ୱ ଦିଆଗଲା। ସମ୍ବିଧାନର ୧୦ ବର୍ଷ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଥିବା ସ୍ଥଳେ ସରକାରଙ୍କର ବ୍ରାହ୍ମଣମାନଙ୍କ ପାଇଁ ବୈମାତୃକ ମନୋଭାବକୁ ସଂଘ ତରଫରୁ ପ୍ରତିବାଦ କରାଯାଇଥବା ଦାବିକୁ ସୁବିଚାର କରାନଗଲେ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଉପସ୍ଥିତ ସଭ୍ୟମାନେ ମତ ଦେଇଥିଲେ। ଶ୍ରୀକାନ୍ତ ଆଚାର୍ଯ୍ୟ, ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହି, ରଜତ କୁମାର ମହାପାତ୍ର ମନୋରଞ୍ଜନ ପାଠୀ, ସୁରେନ୍ଦ୍ର ଶତପଥୀ ପ୍ରମୁଖ ବହୁ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ।

## କଂଗ୍ରେସର ସାଂଗଠନିକ ବୈଠକ

ଉଦଳା, ୪।୩(ସମିସ): ଉଦଳା ନିର୍ବାଚନ ମଣ୍ଡଳୀ ତରଫରୁ ସନ୍ଧାନ ଗୃହରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କପ୍ତିପଦା, ଉଦଳା, ଜିବିନଗର ଓ ଉଦଳା ଟାଉନର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଉଦଳା କଂଗ୍ରେସର ଆବାହକ ଉତ୍ତମ କୁମାର ବେହେରାଙ୍କ ଆହ୍ୱାନକ୍ରମେ ପୂର୍ବତନ ଜିଲ୍ଲା କାର୍ଯ୍ୟକାରି ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବ÷ଠକରେ ପୂର୍ବତନ ଜିଲ୍ଲା ଉପସଭାପତି ଦୁର୍ଗା ଚରଣ ଟୁଡୁ, ଟାଉନ ସଭାପତି ସଞ୍ଜିବ କୁମାର ମହାନ୍ତି, କପ୍ତିପଦା ବ୍ଲକ ସଭାପତି ରବିନାରାୟଣ ପରିଡ଼ା, ଜିବିନଗର ବ୍ଲକ ସଭାପତି ଗୌରାଙ୍ଗ ଚରଣ ପୋଥାଳ ଓ ଉଦଳା ବ୍ଲକ ସଭାପତି ରାମଚନ୍ଦ୍ର ସିଂ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଭଗବାନ ନାୟକ, ଉତ୍ତମ ଆଚାର୍ଯ୍ୟ, ମନୋରଞ୍ଜନ ପରିଡ଼ା, ଗୀତା ବିଶ୍ୱାଳ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରକୁ ଯୋଗାଣ ଅଧିକାରୀଙ୍କ ସହାୟତା



କପ୍ତିପଦା, ୪।୩(ସମିସ): ସଦର ପଞ୍ଚାୟତ ରଙ୍ଗାମାଟିଆ ଗ୍ରାମରେ ଗତ ୧୬ ତାରିଖରେ ରୋଷେଇଘର ନିଆଁରେ ମୋଚିରାମ କିସ୍କୁଙ୍କ ୩ ବଖରା ସମେତ ସମସ୍ତ ଆସବାବପତ୍ର ଜଳିଯାଇଛି। ଏହି ଖବର ଗଣମାଧ୍ୟରେ ପ୍ରକାଶ ପାଇବା ପରେ ଯୋଗାଣ ଅଧିକାରୀ ଭାସ୍କର ବାରିକ ଆଜି ବିପନ୍ନଙ୍କ ଘରେ ପହଞ୍ଚି ଚାଉଳ, ମୁଢି, ବିସ୍କୁଟ, ମାସକ ପାଇଁ ରାସନ, ଲୁଗାପଟା ଓ ପିଲାଙ୍କ ପାଇଁ ପୋଷାକ ପ୍ରଦାନ କରିଛନ୍ତି। ବିପନ୍ନ ଦମ୍ପତିଙ୍କ ରାସନକାର୍ଡ ନ ଥିବା ଜାଣି ଶ୍ରୀ ବାରିକ ଖୁବ ଅଳ୍ପଦିନ ମଧ୍ୟରେ ତାଙ୍କୁ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତହସିଲ ପକ୍ଷରୁ ଖଣ୍ଡିଏ ପଲିଥିନ ଯୋଗାଇ ଦେଇଥିବା ବେଳେ ତଦନ୍ତ ରିପୋର୍ଟ ଆସିବା ପରେ ଅନ୍ୟ ସହିୟତା ମିଳିବ ବୋଲି ବିଡିଓ ସିଦ୍ଧେଶ୍ୱର ନାୟକ କହିଛନ୍ତି।

## ୪୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ନେଇ କ୍ରିକେଟ ମ୍ୟାଚ; ଏମକେକେଆର ଚାମ୍ପିଅନ



କରଞ୍ଜିଆ, ୪।୩(ସମିସ): କରଞ୍ଜିଆ ଷ୍ଟାଡିୟମରେ ଷ୍ଟାର କ୍ଲବ ଓ ମର୍ଣ୍ଣିଂ ଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଏକ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ଏମକେକେଆର କ୍ରିକେଟ କ୍ଲବ ବନାମ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟିଂ କ୍ଲବକୁ ହରାଇ ଏମକେକେଆର ଟିମ୍ ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ୧୦ହଜାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ଉପ ବିଜେତା ସ୍ପୋର୍ଟିଂ କ୍ଲବକୁ ୭ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକ ସପନ ଶତପଥୀ, ପିଣ୍ଟୁ ଦାସ ଓ ରତିକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ।

**ଉଦଳା ବାଥୁଡ଼ି ଭବନ ଉଦ୍‌ଘାଟିତ**

## ସାଂସ୍କୃତିକ ଭାବଧାରା ହିଁ ସମ୍ପ୍ରଦାୟକୁ ସଂଗଠିତ କରେ

ଉଦଳା, ୪।୩(ସମିସ): ରବିବାର ଉଦଳା ସହରର ହୁଡି ସାହି ନିକଟରେ ବାଥୁଡି ଭବନ ଉଦଘାଟିତ ହୋଇଯାଇଛି। ଗଣଶିକ୍ଷା ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବନକୁ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ଗୋଟିଏ ସମ୍ପ୍ରଦାୟର ସାଂସ୍କୃତିକ ଭାବଧାରା ହିଁ ସଂଗଠିତ କରି ରଖିଥାଏ। ବାଥୁଡି ସମ୍ପ୍ରଦାୟର ସାଂସ୍କୃତିକ ଓ ସମାଜିକ ସମନ୍ୱୟ ବେଶ ବଳିଷ୍ଠ। ଏଣୁ ଏହି ଭବନ ସଂସ୍କୃତି ଓ ପରମ୍ପରାର ଅଗ୍ରଗତି ଦିଗରେ ବେଶ ସହାୟକ ହେବ ବୋଲି ଅଭିଭାଷଣ ରଖିଥିଲେ।



ସେହିପରି ଏସଡ଼ିସି ଅଧ୍ୟକ୍ଷ ଡ଼ ଦେବାଶିଷ ମାରାଣ୍ଡି ଏହି ଭବନ ବାଥୁଡି ସମ୍ପ୍ରଦାୟର ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ। ତେଣୁ ଏହାକୁ ସାକାର କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ସ୍ମରଣଯୋଗ୍ୟ। ସଂସ୍କୃତି, ପରମ୍ପରା ଓ ସମ୍ପ୍ରଦାୟର ସାମାଜିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଏକ ବିକଶିତ ଓଡ଼ିଶାର ପରିକଳ୍ପନା ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ବ୍ୟକ୍ତବ୍ୟ ରଖିଥିଲେ। ତେବେ ପାରମ୍ପରିକ ନୃତ୍ୟର ତାଳେ ତାଳେ ଚାଙ୍ଗୁ ନାଚର ମୌଳିକତା ମଧ୍ୟରେ ଏକ ବିରାଟ ପାଟୁଆରାରେ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଉଦଘାଟନ ଉତ୍ସବରେ ବାଥୁଡି ସମାଜର ବହୁ କାର୍ଯ୍ୟକର୍ତ୍ତା, ସଦସ୍ୟ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

ସକାଳ
THE SAKALA



# ଶ୍ରେଣୀ ଗୃହ ଛାତରୁ ସ୍ଲାପ୍ ଖସି ଛାତ୍ର ଗୁରୁତର



**ତୁରୁମୁଙ୍ଗା,୪।୩(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଜଜପଶି ପଞ୍ଚାୟତ ଜଜପଶି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଘଟଣ। ଆଦିବାସୀ ଛାତ୍ରାବାସରେ ରହି ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ର ଚାଲିଚାଲି ଯାଉଥିବା ସମୟରେ ଛାତ ସ୍ଲାପ୍ ଖସିପଡିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଛାତ୍ର ହେଲେ ଲାଲମୋହନ ତିୟା। ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭଣ୍ଡା ମେଡିକାଲକୁ ଚିକିତ୍ସା ପାଇଁ ଭର୍ତ୍ତି କାରିଥିଲେ। ତେବେ ଘଟଣା ପରେ ଛାତ୍ରଙ୍କ ପରିବାର ଲୋକଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଡକାଇ ଛାତ୍ରଙ୍କୁ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ହୋଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କର ଆଶୁ ଚିକିତ୍ସା କରି ପରିବାର ଲୋକଙ୍କୁ ଡାକାଇ ଘରକୁ ପଠେଇ ଦେଇଥିବା ଜଣାପଡିଛି। ଅନ୍ୟପଟେ ଜଜପଶି ଠାରୁ ଠାକୁରମୁଣ୍ଡା ୧୦୦ କିଲୋମିଟର ଦୂର ହୋଇଥିବାରୁ ଛାତ୍ରଙ୍କ ପରିବାର ଲୋକେ ଖର୍ଚ୍ଚାନ୍ତ ହୋଇ ସ୍କୁଲକୁ ଆସି ନିଜ ପିଲାଙ୍କୁ ନେଇଯାଇଥିବା ଜଣାପଡ଼ିଛି। ଏନେଇ ଚମ୍ପୁଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ରାଜଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ ପାଇଁ ସିଆର୍‌ସିସି ଗଜେନ୍ଦ୍ର ମହାନ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦୁମାଣିକୁ ବିଦ୍ୟୁତ୍ ସଂଯୋଗ ଦାବି



**କେନ୍ଦୁଝର,୪।୩(ସମିସ):** କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଖରବାର ଦୁମାଣିକୁ ବିଦ୍ୟୁତ ସଂଯୋଗ ଦାବିରେ ସୋମବାର ଗ୍ରାମବାସୀ ହାତରେ ପ୍ଲାକାର୍ଡ ଧରି ଜିଲ୍ଲାପାଳଙ୍କୁ ଭେଟିଛନ୍ତି। ଜିଲ୍ଲା ପ୍ରଶାସନ ମଧ ଏହାକୁ ଗୁରୁତର ସହିତ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଖରବାର ଦୁମାଣି ସାହିରେ ୪୦ଟି ପରିବାରର ଶତାଧିକ ଲୋକ ବସବାସ କରୁଛନ୍ତି। ଗାଁଟି ଜଙ୍ଗଲ ନିକଟରେ ଅବସ୍ଥିତ। ଗାଁର ବିଦ୍ୟୁତ ନଥିବାରୁ ଅନେକ ସମସ୍ୟା ହେଉଛି। ଏପରିକି ପିଲାମାନେ ପାଠ ପଢିବାରେ ମଧ ବହୁ ସମସ୍ୟା ହେଉଛି। ଅଞ୍ଚଳଟି ପୂର୍ବରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଥିଲା। ଗମନାଗମନ ବ୍ୟବସ୍ଥାର ସୁଧାର ହୋଇଥିଲେ ମଧ ବିଦ୍ୟୁତ ସଂଯୋଗ ଅଭାବରୁ ରାତ୍ରୀଅନ୍ଧାରରେ ହାତୀ, ଭାଲୁ ସମେତ ଜଙ୍ଗଲୀ ଜୀବଜନ୍ତୁ ଗାଁକୁ ପଶି ଆସି ଉତ୍ପାତ କରୁଛନ୍ତି। ରାତ୍ରୀ ହେଲେ ଗାଁରେ ଲୋକେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ବନ୍ୟଜନ୍ତୁ ଭୟରେ ରାତ୍ରି ରେ ଟାଟି କବାଟ ପଡିଯାଉଛି। ପ୍ରଶାସନ ସମସ୍ତ ଗ୍ରାମକୁ ବିଦ୍ୟୁତ କରଣ କରିଛନ୍ତି। କିନ୍ତୁ ଖରବା ଦୁମାଣି ସାହିକୁ ବିଦ୍ୟୁତ ଲାଇନ ସଂଯୋଗ ନାହିଁ। ତେଣୁ ଏଠାକୁ ବିଦ୍ୟୁତ ସଂଯୋଗ ଦାବିରେ ସୋମବାର ଗ୍ରାମର ମିଲ୍ଲୀ ସର୍ଦ୍ଦାର, ରେଖା ସର୍ଦ୍ଦାର, କଇଁତା ମୁଣ୍ଡାରୀ, ପ୍ରଦୀପ ମହାନ୍ତ, ଝସମଣି ସର୍ଦ୍ଦାର, ପୁର୍ଣ୍ଣମା ମୁଣ୍ଡାରୀ, ଲିଟୁ ସର୍ଦ୍ଦାର, ପ୍ରମିଳା ସର୍ଦ୍ଦାର, ପଦ୍ମାବତୀ ସର୍ଦ୍ଦାର, ସମ୍ବାରି ମୁଣ୍ଡାରୀ ପ୍ରମୁଖ ପ୍ଲାକାର୍ଡ ଧରି ଜିଲ୍ଲାପାଳଙ୍କ ନିକଟକୁ ଆସି ଦାବିପତ୍ର ଦେଇଛନ୍ତି

# ଯୋଗଦେଲେ ନୂଆ ସିଡିପିଓ



**ସୋସୋ,୪।୩(ସମିସ):** ହାଟଡିହି ବ୍ଲକର ଶିଶୁ ବିକାଶ କାର୍ଯ୍ୟାଳୟର ନୂତନ ଅଧିକାରିଣୀ ଭାବେ ଉମାମଣି ମହାପାତ୍ର ଯୋଗଦାନ କରିଛନ୍ତି। ଦୀର୍ଘ ମାସ ହେବ ପଦଟି ଖାଲି ପଡିଥିବାବେଳେ କିଛିଦିନ ପାଇଁ ଜଣେ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଇଥିଲେ। ସୋମବାର ଶ୍ରୀମତି ମହାପାତ୍ର ଯୋଗଦାନ କରିବା ପରେ କାର୍ଯ୍ୟାଳୟରେ କର୍ମଚାରୀ ଓ ସୁପର ଭାଇଜର ନିରୁପମା ରାଉତ, ଶକୁନ୍ତଳା ମହାନ୍ତି, ରେଣୁବାଳା ଜେନା, କନକ ଦାସ, ଜୋସ୍ନାମୟୀ ଜେନା, ପ୍ରଭାସିନୀ ଜେନା, ପୁଷ୍ପଲତା ଜେନା, କେଶବ ରଣା, କ୍ଷେତ୍ରମୋହନ କିସ୍କୁ, ସୁବାସିନୀ ସେଠୀ, ଗୋଲକ ବିହାରୀ ସାହୁ, ସୁଜ୍ଞାନି ସେଠୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ଓ କେନ୍ଦ୍ରଗୁଡିକର ଅଙ୍ଗନବାଡି କର୍ମୀଙ୍କ ସହିତ ଆଲୋଚନା କରି ସଠିକ ଭାବେ କାର୍ଯ୍ୟ ତୁଲାଇବାକୁ କହିଥିଲେ।

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସହାୟିକାଙ୍କ ବିକ୍ଷୋଭ

**କେନ୍ଦୁଝର,୪।୩(ସମିସ)**




ଓଡିଶା ମିଡ୍ ଡେ ମିଲ ୱାର୍କସ ୟୁନିୟନ ପକ୍ଷରୁ ସୋମବାର ୭ ଦଫା ଦାବିରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍କୁଲରେ କାମ କରୁଥିବା ଶହଶହ ପାଚିକା, ସହାୟିକାମାନେ କେନ୍ଦୁଝର କାଳିପଡିଆଠାରୁ ଏକ ରାଲିରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟଠାରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ପ୍ରଶାସନ ପାଚିକା ସହାୟିକାମାନଙ୍କୁ ନିଯୋଜିତ କରିଛନ୍ତି। ସେମାନଙ୍କୁ ମାସିକ ୧୪୦୦ ଟଙ୍କା ଓ ବର୍ଷକୁ ୧୦ ମାସର ଭତ୍ତା ଦିଆଯାଉଥିବାରୁ ଏହାକୁ ନେଇ ପାଚିକା-ସହାୟିକାମାନେ ଏହି ଆନ୍ଦୋଳନ କରିଥିବା କହିଛନ୍ତି। ଓଡିଶା ମିଡ୍ ଡେ ମିଲ ୱାର୍କସ ୟୁନିୟନ କରିଥିବା ଦାବିଗୁଡିକ ମଧ୍ୟରେ ମଧ୍ୟାହ୍ନ ଭୋଜନ କର୍ମୀ ପାଚିକା/ସହାୟିକାମାନଙ୍କୁ ଶ୍ରମିକର ମାନ୍ୟତା ଦିଆଯିବା, ମଧ୍ୟାହ୍ନ ଭୋଜନ କର୍ମୀ ପାଚିକା ଏବଂ ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରୀ ଦେବା, କେନ୍ଦ୍ର ସରକାରଙ୍କ ୨୦୧୭ ମସିହାଠାରୁ ପାଇବାକୁ ଥିବା ମାସିକ ୬୦୦ ଟଙ୍କା ଏବଂ ୨୦୨୩ ମସିହା ଠାରୁ ପାଇବାକୁ ଥିବା ମାସିକ ୯୦୦ଟଙ୍କା ତୁରନ୍ତ ପ୍ରଦାନ କରିବା, ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ମାସର ଦରମା ସମସ୍ତଙ୍କୁ ଦିଆଯିବା, ବର୍ଷକୁ ୨ଖଣ୍ଡ ଶାଢିର ମୂଲ୍ୟ ବାବଦରେ ୧ହଜାର ଟଙ୍କା ଦେବା, ଅବସର ବୟସ ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷ କରାଯିବା, ସୁରକ୍ଷା ବୀମା ଏବଂ ଅବସରକାଳୀନ ପେନ୍‌ସନ ଯୋଜନା ସମସ୍ତଙ୍କ ପାଇଁ କରାଯିବା ଆଦି ଦାବି ରଖାଯାଇଥିଲା। ଏହି ବିକ୍ଷୋଭରେ ସିଟୁର କାର୍ଯ୍ୟକାରୀ ଜିଲ୍ଲା ସଭାପତି ଇନ୍ଦ୍ରମଣୀ ବେହେରା, ଯୋଡ଼ା ବ୍ଲକର ବିଶଲ୍ୟ ବାରିକ, ଚମ୍ପୁଆର ତୁଳସୀ ମହାନ୍ତ, ଝୁମ୍ପୁରା ବ୍ଲକର ବୃନ୍ଦ ଗିରି, ତେଲକୋଇର ସନ୍ଧ୍ୟାରାଣୀ ବେହେରା, ଆନନ୍ଦପୁରର ଦୀପାଞ୍ଜଳି ପଣ୍ଡା, ବାଂଶପାଳର କନକ ଦେହୁରୀ, ସଦର ବ୍ଲକର ଗୋଦାବରୀ ଦେହୁରୀ, ସାହାରପଡାର ରଞ୍ଜିତା ମହାକୁଡ଼, ପାଟଣା ବ୍ଲକର କୋକିଳ ମହାନ୍ତ, ହରିଚନ୍ଦନପୁରର ଦ୍ରୌପଦୀ ସାହୁ, ଘଟଗାଁର ମାଖନ ଲହାରଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ରକୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ରାମଚନ୍ଦ୍ରପୁର,୪।୩(ସମିସ):** ଘସିପୁରା ବ୍ଲକ ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶରତକୁମାର ଜେନାଙ୍କ ସଭାପତିତ୍ୱରେ ଓଏସ୍‌ଡି ଶରତକୁମାର ରାଉତ, +୨ ଅଧକ୍ଷ ଅମୂଲ୍ୟକୁମାର ବିଶ୍ୱାଳ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୨୫୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଏହା ୨୦ଦିନ ଧରି ଚାଲିବ ବୋଲି ଜଣାପଡିଛି। ଆତ୍ମରକ୍ଷା ତାଲିମ ଶିବିରର ଉପଦେଷ୍ଟା ଅଧାପିକା ସୌମ୍ୟା ସୁଚରିତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସିମନ୍ତିନୀ ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନିମିତ୍ତ ବିଭିନ୍ନ ରଣ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧାପକ ଡ. ନରେନ୍ଦ୍ର କୁମାର ସାହୁ, ଏନସିସି କମାଣ୍ଡର ଜୟଦେବ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀମାନେ କିପରି ନିଜର ଆତ୍ମରକ୍ଷା କରିପାରିବେ ସେଥିନେଇ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ।



# ଅଖଣ୍ଡ ଚବିଶ ପ୍ରହର ମହାମନ୍ତ୍ର ନାମଯଜ୍ଞ



**ଢେଙ୍କିକୋଟ, ୪।୩(ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଧୀନ ଢେଙ୍କିକୋଟ ଗ୍ରାମରେ ପ୍ରତି ବର୍ଷ ପରି ଚବିଶ ପ୍ରହର ଅଖଣ୍ଡ ମହାମନ୍ତ୍ର ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଢେଙ୍କିକୋଟ ଗ୍ରାମବାସୀଙ୍କ ସହଯୋଗରେ ଆରମ୍ଭ ହୋଇଥିବା ନାମ ଯଜ୍ଞ ଚଳିତ ବର୍ଷ ୯୨ବର୍ଷରେ ପହଞ୍ଚିଛି। ପୂଜକ ଭାବେ ଦେବେନ୍ଦ୍ର ଦାସ, ସଂକଳ୍ପଧାରୀ ବିଦ୍ୟାଧର ନାୟକ ଓ ଡମ୍ବରୁଧର ମହାପାତ୍ର ନୀତି ମୁତାବକ ପୂଜା କାର୍ଯ୍ୟ ତୁଲାଇଛନ୍ତି। ଏଥିରେ ଭଣ୍ଡଗାଁ (ଖୁଣ୍ଟା) ମୟୂରଭଞ୍ଜ, ଖଣ୍ଡଗାଁ (ବଡ଼ସାହି) ମୟୂରଭଞ୍ଜ, ଦିଗାରୀ ଆସ୍ତିଆ (କୁଳିଅଣା) ମୟୂରଭଞ୍ଜ, ବାନାଯୋଡ଼ି ଓ ପଦ୍ମପୁର (କେନ୍ଦୁଝର) ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ମୁଖ୍ୟ କର୍ମକର୍ତ୍ତା ଭାବେ ଦୈତାରୀ ନାୟକ, ଅନାଦି ସିଂ, ଡମ୍ବରୁଧର ମହାପାତ୍ର, ଅଲେଖ ସିଂ, ଅବନୀ ମହାପାତ୍ର, ଅନିରୁଦ୍ଧ ନାୟକ, ନିତ୍ୟାନନ୍ଦ ନାୟକ, ରକ୍ଷାକର ନାୟକ, ନବୀନ ନାୟକ, ଜିତେନ୍ଦ୍ର ନାୟକ, ଅକ୍ଷୟ ମହାପାତ୍ର, ହୃଷୀକେଶ ମହାପାତ୍ର ଓ କୁଳମଣି ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

# ନାରୀଶକ୍ତି ବନ୍ଦନ ଶୋଭାଯାତ୍ରା

**ଚମ୍ପୁଆ,୪।୩(ସମିସ):** ଚମ୍ପୁଆ ବିଧାନସଭା କ୍ଷେତ୍ରର ବିଜେପି ମହିଳା ମୋର୍ଚ୍ଚା ତରଫରୁ ଆଜି ନାରୀଶକ୍ତି ବନ୍ଦନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରଦ୍ଧାଞ୍ଜଳି କରଙ୍କ ନେତୃତ୍ୱରେ ବିଭିନ୍ନ ମଣ୍ଡଳରୁ ସହସ୍ରାଧିକ ମହିଳା ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ବସ୍‌ଷ୍ଟାଣ୍ଡରୁ ଏହି ଶୋଭାଯାତ୍ରା ବାହାରି ସହର ସହ ଏନ୍‌ଏସିର ବିଭିନ୍ନ ୱାର୍ଡର ପରିକ୍ରମଣ କରିଥିଲା। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଝରଣା ମହାନ୍ତ, ବଡବିଲ ମଣ୍ଡଳ ମହିଳା ସଭାନେତ୍ରୀ ଅନୀତା ଭୌମିକ, ଭଦ୍ରାସାହି ମଣ୍ଡଳ ସଭାନେତ୍ରୀ ରୀନା ଦତ୍ତ, ବିଲେଇପଦାର ସୁମନ ନାଏକ, ତୃପ୍ତିମୟୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ପ୍ରକାଶ ମଲ୍ଲିକ, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ମହତାବ ଆଲାମ, ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ପଙ୍କଜ ମହାନ୍ତ, କାଙ୍ଗାଳି ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ମହିଳା ମୋର୍ଚ୍ଚାର ପଦଯାତ୍ରା

**ପାଟଣା,୪।୩(ସମିସ):** ପାଟଣା ଆନନ୍ଦେଶ୍ୱର ମନ୍ଦିର ସମ୍ମୁଖରୁ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସୋମବାରୀ ମୁଣ୍ଡାଙ୍କ ସଂଯୋଜନାରେ ନାରୀଶକ୍ତି ବନ୍ଦନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ରାଜ୍ୟ ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପସଭାପତି ମମିତା ନାଏକ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ମମତା ସିଂ, ଜିଲ୍ଲା ବିଜେପି ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ର, ସୁଚିତ୍ରା ମହାନ୍ତ, ତନୟା ବାରିକଙ୍କ ସମେତ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସବୀର ଦାଶ, ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁଦର୍ଶନ ମହାନ୍ତ, ସତ୍ୟବ୍ରତ ନାଏକ, ପ୍ରବୀର୍ ନାୟକ, ରମେଶ ଚନ୍ଦ୍ର ମହାନ୍ତ, ନରହରି ମହାନ୍ତ, ମହେନ୍ଦ୍ର ନାୟକ, ମିତ୍ରଭାନୁ ମହାନ୍ତ ପ୍ରମୁଖ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ।

# ୧୪ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଆନନ୍ଦପୁର,୪।୩(ସମିସ):** ଆନନ୍ଦପୁର ପୌରାଞ୍ଚଳର ୧୪ନମ୍ବର ୱାର୍ଡରେ ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ୧୪ ନଂ ୱାର୍ଡ ଘସିପୁରାରେ ଯୁବ ବିଜେଡି ନେତା ଆଶିଷ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ଅଜୟ ସାହୁ, ଦଳୀୟ କର୍ମୀ ସାଧୁଚରଣ ସାହୁ, ବିଜୟ ସାହୁ, ବିଶ୍ୱନାଥ ସାହୁ, ଦୟାନିଧି ସାହୁ, ସୁବ୍ରତ ବାରିକ, ମାନସ ରଞ୍ଜନ ସାହୁ, ଫଗୁ ଚରଣ ସାହୁ, ସୁଶାନ୍ତ ସାହୁ, ରଞ୍ଜନ ସାହୁ, ଦୀପକ ସାହୁ, ନିରଞ୍ଜନ ସାହୁ, ଭବବିଭୁତି ସାହୁ, ସିପୁନ ବେହେରା, ସିଦ୍ଧାର୍ଥ ସାହୁ, ତ୍ରିଲୋଚନ ସାହୁ, ସୌମ୍ୟରଞ୍ଜନ ସାହୁ, ମନ୍ମଥ ସାହୁ, ଜୟନ୍ତ ସାହୁ, ତାରିଣୀ ବେହେରା, ଲୋକନାଥ ସେଠୀ ଏବଂ ମହିଳା ନେତ୍ରୀ ଗୌରୀ ସାହୁ, ଚାନ୍ଦ ସାହୁ, ଜାନକୀ ମହାରଣା, ଯଶୋଦା ସେଠୀ, ସସ୍ମିତା ସାହୁ, ସୁସ୍ମିତା ସାହୁ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ ଉପସ୍ଥିତ ରହି 'ନବୀନ ଓଡ଼ିଶା ଗଠନ' ପାଇଁ ଏକ ହୋଇ କାମ କରିବା ସହ ଘରେ ଘରେ ବୁଲି ଶଙ୍ଖ ଷ୍ଟିକର ଲଗାଇଥିଲେ।



# ଡ. ନାରାୟଣ ସେନାପତିଙ୍କୁ ସାରସ୍ୱତ ସମ୍ମାନ



**ସୋସୋ, ୪।୩(ସମିସ):** ହାଟଡିହି ବ୍ଲକ ଜମ୍ବିରା ଗ୍ରାମର ସୁସାହିତ୍ୟିକ ଡ. ନାରାୟଣ ଚନ୍ଦ୍ର ସେନାପତିଙ୍କୁ ଭୁବନେଶ୍ୱର ଗୀତଗୋବିନ୍ଦ ଭବନ ଠାରେ ଅନୁଷ୍ଠିତ 'ଅପରାହ୍ନ' ଖବର କାଗଜ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ସେନାପତି ଜଣେ କବି, ଲେଖକ, ଗାଳ୍ପିକ, ପ୍ରବନ୍ଧିକ, ନାଟ୍ୟକାର, ଗୀତିକାର ଭାବରେ ଅନେକ ରଚନା ଲେଖିଯାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବଂଶୀଧର ଜେନା ଓ ମାର୍ଗଦର୍ଶୀକା ଲକ୍ଷ୍ମୀ ପ୍ରିୟାଙ୍କ ଉଦ୍ୟମରେ ରବିନାରାୟଣ ମିଶ୍ର, ଡ. ପ୍ରତିଭା ମହାରଥି, ପ୍ରଦୋଷ ପଟ୍ଟନାୟକ, ରବି ଦାସ, ଜୟାଶିଷ ରାୟ, କିଶୋର ଦ୍ୱିବେଦୀ, ପ୍ରଶାନ୍ତ ଦାସ, ଡ. ଘନଶ୍ୟାମ ବିଶ୍ୱାଳ, ମିନାକ୍ଷୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଟିପିଏନ୍‌ଓଡିଏଲ୍‌ର ସୁରକ୍ଷା ସପ୍ତାହ ପାଳନ



**ଆନନ୍ଦପୁର,୪।୩(ସମିସ):** ଟିପିଏନ୍‌ଓଡିଏଲ୍ ଆନନ୍ଦପୁର ବିଦ୍ୟୁତ ବିଭାଗ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଓ ଲାଇନମ୍ୟାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦପୁର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟଠାରୁ କର୍ମଚାରୀମାନେ ବାହାରି ସଚେତନତା ଶୋଭାଯାତ୍ରାରେ ପରିବେଶ, ସାମାଜିକ ଏବଂ ଶାସନ ଉତ୍କର୍ଷତା ପାଇଁ ସୁରକ୍ଷା ନେତୃତ୍ୱ ଉପରେ ଧ୍ୟାନ ପାଇଁ ବିଭିନ୍ନ ବାର୍ତ୍ତାର କାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ଓପିଏସ କଲ୍ୟାଣ ମଣ୍ଡପ ଠାରେ ଆଭାସୀ ମାଧ୍ୟମରେ ସଭା ହୋଇଥିଲା। କାର୍ଯ୍ୟକ୍ରମରେଆନନ୍ଦପୁର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅତିଥି ସିଇଓ ଦୁର୍ଯ୍ୟୋଧନ ଦାସ ବାସକ ସମ୍ମାନିତ ଅତିଥି ଭାବେ ଏଜିଏମ ଏନଫୋର୍ସମେଣ୍ଟ ଅନନ୍ତ ନାରାୟଣ ସେନାପତ, ସମ୍ମାନିତ ଅତିଥି ଭାବେ ଏସ୍‌ଡିଓ ଆନନ୍ଦପୁର ମାନସ ମହାନ୍ତି, ଘଟଗାଁ ଏସ୍‌ଡିଓ ରଞ୍ଜିତ ବେହେରା, ବିଦ୍ୟାଧରପୁର ଏସ୍‌ଡିଓ ଅଶୋକ କୁମାର ମହାନ୍ତ, ଏଚ୍‌ଓଜି ବାଣିଜ୍ୟ ଅଧିକାରୀ ଶଶୀକାନ୍ତ ସାହୁ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି କର୍ମଚାରୀମାନେ ଶପଥ ନେବା ସହ ନିଜେ ଭଲରେ ରହିବା ସହ ଅନ୍ୟ ମାନଙ୍କୁ ଭଲରେ ରଖିବା ନେଇ କହିଥିଲେ।

## ଲୁଟ୍ ହେଉଛି ଲଘୁଖଣିଜ; କାର୍ଯ୍ୟାନୁଷ୍ଠାନ ଶୂନ୍

# ବେଆଇନ ଖଣି ଖାଲରେ ପଡ଼ି ନଷ୍ଟ ହେଉଛି ଧନଜୀବନ

**ହାଟଡିହୀ,୪।୩(ସମିସ)**



କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଧୀନସ୍ଥ ବିଭିନ୍ନ ସ୍ଥାନରେ ରାସ୍ତାକାମ ଚାଲୁଥିବା ବେଳେ ବିନା ଅନୁମତିରେ ଶହ ଶହ ଟ୍ରିପ୍ ମୋରମ ପଡୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି। ହାଟଡିହୀ ତହସିଲ ଅଧୀନସ୍ଥ ବିଭିନ୍ନ ଅଞ୍ଚଳରୁ ଖୋଲାଖୋଲି ବେଆଇନ୍ ମୋରମ୍ ଉତ୍ତୋଳନ ଏବଂ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ କେନାଲ ରାସ୍ତା ସହ ଅନେକ ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟରେ ବେଆଇନ୍ ମୋରମ୍ ବ୍ୟବହୃତ ହେଉଥିଲେ ସୁଦ୍ଧା ଏଥିପ୍ରତି କାହାରି ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ସାଜିଛି। ଗୋଟିଏ ପଟେ ବିଦ୍ୟାଧରପୁର ବ୍ୟାରେଜ୍ ଠାରୁ ରାମକୃଷ୍ଣପୁର ନିକଟ କେନାଲ ପୋଲକୁ ସଂଯୋଗ କରିଥିବା କେନାଲ ରାସ୍ତା କାର୍ଯ୍ୟ ସହ ବିଭିନ୍ନ ରାସ୍ତା କାର୍ଯ୍ୟରେ ବେଆଇନ୍ ମୋରମ୍ ବ୍ୟବହାର ହେଉଥିବା ବେଳେ, ଠିକାଦାରମାନଙ୍କୁ ପ୍ରଶାସନିକ ଅହେତୁକ ଅନୁକମ୍ପା ଏବଂ ସହାନୁଭୂତି ମିଳୁଥିବା ନେଇ ଆଲୋଚନା ହେଉଛି।

ପ୍ରକାଶ ଥାଉକି, ଗତ କିଛିମାସ ପୂର୍ବରୁ ନିକଟସ୍ଥ ଅସିଆ ଅଞ୍ଚଳର ବେଆଇନ୍ ମୋରମ ଖଣିରେ ଜଣେ ମହିଳାଙ୍କ ଉପରେ ଏକ ବାଉଁଶ ବୁଦା ଉପୁଡ଼ି ପଡ଼ିବାରୁ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏପରିକି, ବିଭିନ୍ନ ସମୟରେ କୁନି କୁନି ପିଲାଙ୍କ ସହ ଅନେକ ବୃଦ୍ଧବୃଦ୍ଧା ମଧ ଅସାବଧାନତା ବଶତଃ ମୋରମ ଖଣିରେ ପଡ଼ି ପ୍ରାଣ ହରାଉଛନ୍ତି। ମୋରମ ଉତ୍ତୋଳନ ପାଇଁ ସରକାରୀ ସ୍ତରରେ କୌଣସି ଟେଣ୍ଡର ହୋଇନଥିଲେ ସୁଦ୍ଧା କିଛି ମୁନାଫା ଖୋର୍ ଚୋରା ମୋରମ ବେପାରୀ ରାତିଅଧିଆ ମୋରମ ଉତ୍ତୋଳନ କରି ବାହାର ଜିଲ୍ଲାକୁ ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ରାସ୍ତାକାର୍ଯ୍ୟ କରାଉଥିବା କିଛି ଠିକାଦାର ମଧ ସ୍ୱଳ୍ପ ମୂଲ୍ୟରେ ଚୋରା ମୋରମ ପାଇ ବେଶ୍ ଆରାମରେ ରାସ୍ତା ନିର୍ମାଣ କରୁଛନ୍ତି। ଏସମ୍ବନ୍ଧରେ ପୁଲିସ ଓ ତହସିଲ ପ୍ରଶାସନକୁ ଯୋଗାଯୋଗ କରିବାରୁ ମୋରମ କଥା ଆମେ ଆଉ ବୁଝୁନୁ ବୋଲି କହିବା ସହିତ ମାଇନିଂ ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ତେବେ ଏନେଇ ଖଣି ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଦିନେ ଦୁଇ ଦିନ ମଧ୍ୟରେ ତଦାରଖ କରି ଜଣାଇବାକୁ କହିଥିଲେ। କିନ୍ତୁ ଗୋଟେ ସପ୍ତାହ ବିତିଥିଲେ ମଧ ଖଣି ବିଭାଗରୁ କିଛି ଉତ୍ତର ମିଳିନଥିଲା। ସେପଟେ ବିଦ୍ୟାଧରପୁର କେନାଲ କାମ ସହ ଅନେକ ରାସ୍ତା ନିର୍ମାଣରେ ଚୋରା ମୋରମ ବ୍ୟବହୃତ ହେଉଥିଲା ବେଳେ ରାତିଅଧିଆ ଅନେକ ବଡ଼ ବଡ଼ ହାଇୱା ଟ୍ରକ୍ ଯୋଗେ ଜିଲ୍ଲା ବାହାରକୁ ମୋରମ ଚୋରାଚାଲାଣ ହେଉଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ସାଜୁଛି। ଖୋଦ୍ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ରାଜସ୍ୱ ଲୁଟ୍ ପ୍ରତି ଦୃଷ୍ଟି ଆକର୍ଷଣ କରି କଡ଼ା କାର୍ଯ୍ୟାନୁଷ୍ଠନ ନେବାକୁ ସାଧାରଣରେ ଦାବି ହେଉଛି।

# ରଜାବନ୍ଧ ଓ ଚିଲିଦାରେ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



**ତୁରୁମୁଙ୍ଗା/ପାଟଣା,୪।୩(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଷଡ଼ଙ୍ଗି ପଞ୍ଚାୟତ ରଜାବନ୍ଧରେ ଟୁସୁ ମଣ୍ଡପ ଓ ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଚିଲିଦା ଗ୍ରାମରେ କୁଡୁମୀ ସମାଜ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଚେମେଣା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, କୋଷାଧ୍ୟକ୍ଷ ବିଶ୍ୱଜିତ ମହାନ୍ତ, ବିରେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ରଜାବନ୍ଧଠାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମିତ୍ରଭାନୁ ମହାନ୍ତ, ବିଶ୍ୱଜିତ ମହାନ୍ତ, ବିରେନ୍ଦ୍ର ମହାନ୍ତ ପ୍ରମୁଖ ସାମିଲଥିଲେ। ସେହିପରି ଭୀମକୁଣ୍ଡଠାରେ ମଧ ଟୁସୁ ମୂର୍ତ୍ତି ସ୍ଥାପନ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ରୁନୁ ମହନ୍ତ ଯୋଗଦେଇଥିଲେ।

# ଆନନ୍ଦପୁର ବସ୍‌ଷ୍ଟାଣ୍ଡରେ ଝୁଲୁଛି ତାଲା

ଆନନ୍ଦପୁର,୪।୩(ସମିସ)



ଆନନ୍ଦପୁର କଚେରି ଛକ ଫକୀରମୋହନ ମାର୍କେଟ ଠାରେ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ନୂତନ ଭାବେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ବସ୍ ଟର୍ମିନାଲ ଉଦ୍‌ଘାଟନ ହେବା ପରଦିନ ଠାରୁ ତାଲା ପଡି ରହିଥିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ଫେବୃଆରୀ ୧୫ ତାରିଖରେ ଏହା ଉଦ୍‌ଘାଟନ ହେବା ପରେ ଅଦ୍ୟାବଧି ସଡକ ପରିବହନ ବିଭାଗର ଦାୟିତ୍ୱହୀନତା ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରିନଥିବା ଅଭିଯୋଗ ହୋଇଛି। ଉଦଘାଟନ ପରଦିନଠାରୁ ଏହି ବସଷ୍ଟାଣ୍ଡରେ ତାଲା ପଡିଥିବା ଯୋଗୁ ମୁଖ୍ୟ ରାସ୍ତା ଉପରେ ଯାତ୍ରୀମାନେ ବସକୁ ଅପେକ୍ଷା କରି ଘଣ୍ଟା ଘଣ୍ଟା ଠିଆ ହୋଇରହୁଥିବାରୁ ରାସ୍ତା ପାଲଟିଛି ବସ୍‌ଷ୍ଟାଣ୍ଡ। ସୂଚନା ଯୋଗ୍ୟ ଯେ, ୪ କୋଟି ୭ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡରେ ବସ୍ ଗୁଡିକ ପ୍ରବେଶ କରିପାରୁନଥିବାରୁ ଯାତ୍ରୀମାନେ ନାହିଁନଥିବା ହୀନସ୍ତା ଭୋଗ କରୁଛନ୍ତି। ଅପରପକ୍ଷରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ପରେ ମୁଖ୍ୟ ରାସ୍ତାରେ ଠିଆ ହୋଇରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବସ୍‌ଷ୍ଟାଣ୍ଡରେ ତାଲା ପଡିଥିବା କାରଣରୁ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ଶହ ଶହ ବସ୍ ଓ ଯାନବାହନ ରାସ୍ତା ମଝିରେ ପାର୍କିଂ କରୁଥିବାରୁ ସାଧାରଣ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ରାସ୍ତା ପାଶ୍ୱର୍ରେ ଶୌଚାଳୟ ନଥିବାରୁ ଶହ ଶହ ମହିଳା ଯାତ୍ରୀଙ୍କ ସହ ସାଧାରଣ ଲୋକେ ରାସ୍ତା କଡରେ ଶୌଚ ହେଉଥିବା ପରିତାପର ବିଷୟ। ଏନେଇ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ରାଜ୍ୟ ସଡକ ପରିବହନ ବିଭାଗର କେନ୍ଦୁଝର ପରିବହନ କର୍ତ୍ତୃପକ୍ଷ ଗୌରବ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବସ୍‌ଷ୍ଟାଣ୍ଡରେ ଆବଶ୍ୟକୀୟ ସୁରକ୍ଷା କର୍ମଚାରୀ ଓ ସଫେଇ କର୍ମଚାରୀ ନିୟୋଜିତ ହୋଇନଥିବାରୁ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସପ୍ତାହ ମଧ୍ୟରେ ଏହି ବସ୍‌ଷ୍ଟାଣ୍ଡକୁ ଆବଶ୍ୟକୀୟ କର୍ମଚାରୀ ଯୋଗାଇ ଦେଇ ଯାତ୍ରୀମାନଙ୍କ ପାଇଁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି।

## କାରଖାନା ଧୂଳିଧୂଆଁରେ ଲୋକେ ଅତିଷ୍ଠ



**କେନ୍ଦୁଝର,୪।୩(ସମିସ):** କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନର୍ଗତ ବସନ୍ତପୁର ଠାରେ ଥିବା ଆଦିତ୍ୟ ବିର୍ଲା କମ୍ପାନୀର ଏସ୍‌ଏଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ କାରଖାନାରୁ ନିର୍ଗତ ଧୂଳି ଧୂଆଁରେ ଲୋକେ ଅତିଷ୍ଟ ହୋଇପଡ଼ିଥିବା ବେଳେ ଏଥିଯୋଗୁଁ ପନିପରିବା ଚାଷ ଅଞ୍ଚଳରେ ବୁଡିବାକୁ ବସିଲାଣି ବୋଲି ଲୋକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କମ୍ପାନୀ ପକ୍ଷରୁ କେବଳ ବାୟୁ ପ୍ରଦୂଷଣ କରୁନାହିଁ; ବୈତରଣୀ ନଦୀକୁ ମଇଳା ପାଣି ଛାଡି ଦେଉଥିବାରୁ ଗୋରୁଗାଈ, ଗୃହପାଳିତ ପଶୁ ଦୂଷିତ ପାଣି ପିଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପଟୁଆକୁଦର ଗ୍ରାମର କେତେକ ଲୋକ ଅଭିଯୋଗ କରିଛନ୍ତି। ପ୍ଲାଣ୍ଟର ନିକଟବର୍ତ୍ତୀ ଗ୍ରାମର ଲୋକେ ଧୂଳି ଧୂଆଁରେ ଅତିଷ୍ଠ ହୋଇପଡିଲେଣି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବାଉଁଶଗଡ଼ରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଆନନ୍ଦପୁର,୪।୩(ସମିସ):** ଆନନ୍ଦପୁର ବ୍ଲକ ବାଉଁଶଗଡ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିଷ୍ଣୁପ୍ରସାଦ ସାହୁଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଯୋଗ ଦେଇଥିଲେ। ବୁଥ୍ କମିଟି, ୱାର୍ଡ କମିଟି, ପଞ୍ଚାୟତ କମିଟିର ଛାମୁଆ ନେତାମାନେ ପ୍ରତିଦିନ ବିଭିନ୍ନ ଗାଁରେ ବୈଠକ ଓ ଆଲୋଚନା କରି ମତଦାନରୁ କେହି ନିବୃତ ନ ରହିବାକୁ ସଚେତନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଆନନ୍ଦପୁର ନଗର ସଭାପତି ହାଡିବନ୍ଧୁ ଖୁଣ୍ଟିଆ, ବରିଷ୍ଠ କଂଗ୍ରେସ ନେତା ଶିବ ଦେହୁରୀ, ଯୁବନେତା ବିଭୁ ଘଡେଇ, ମୁରଲି ବେହେରା, ମଣିଭଦ୍ର ଜେନା, ପରେଶ ଖଟୁଆ, ପ୍ରଶାନ୍ତ ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶରତ ଘଡେଇ, ବୁଲୁ ନାୟକ, ରତ୍ନାକର ନାୟକ, ରାମଚନ୍ଦ୍ର ଘଡେଇ ପରିଚାଳନା କରିଥିଲେ।

## ବିଡିଓଙ୍କ ବଦଳି ଆଦେଶ ମାନୁନାହାନ୍ତି କର୍ମଚାରୀ

**ଆନନ୍ଦପୁର,୪।୩(ସମିସ):** କେନ୍ଦୁଝର ଜିଲା ହାଟଡିହି ବ୍ଲକ ବିଡିଓଙ୍କ ବଦଳି ଆଦେଶ କାର୍ଯ୍ୟକାରୀ ହେଉନଥିବାରୁ ପ୍ରଶାସନିକ ଅବ୍ୟବସ୍ଥା ଲାଗିରହିଥିବା ଜଣାଯାଇଛି। ବ୍ଲକ ଅଧୀନରେ କାର୍ଯ୍ୟରତ ଜିଆର୍‌ଏସ୍, ଜେଇଇ, ପିଇଓ ମାନେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଗ୍ରଗତି କରୁନଥିବା ଅଭିଯୋଗରେ ବିଡିଓ ଅଦଳବଦଳ କରିଥିଲେ। କିନ୍ତୁ ଆଦେଶର କାର୍ଯ୍ୟକାରିତା ନେଇ ବ୍ୟତିକ୍ରମ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ କର୍ମଚାରୀମାନେ ଲଗାମଛଡା ହୋଇପଡୁଥିବା ଅନୁମାନ ହୋଇଛି। ସୂଚନାନୁସାରେ, ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟ ଆଦେଶ ନଂ ୬୦୯୭/୧୬ ଡିସେମ୍ବର ୨୦୨୩ ଅନୁସାରେ ୩୧ ପଞ୍ଚାୟତର ୭ ଜଣ କନିଷ୍ଠ ଯନ୍ତ୍ରୀ, ୬ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ୨୬ ଜଣ ଗ୍ରାମ ରୋଜଗାର ସେବକଙ୍କ ଅଦଳବଦଳ ଆଦେଶ ହୋଇଥିଲା। ମାତ୍ର ୫ ଦିନ ପରେ ଦ୍ୱିତୀୟ ଥର କାର୍ଯ୍ୟାଳୟ ଆଦେଶ ନଂ ୬୧୬୪/୨୨ ଡିସେମ୍ବର ୨୦୨୩ ଅନୁସାରେ ବଦଳି ଆଦେଶ କରାଯାଇ ପଞ୍ଚାୟତ ଅଦଳବଦଳ ହୋଇଥିଲା। ଆଦେଶ ହେବାର ୨ ମାସ ବିତିଯାଇଥିବା ବେଳେ ଏହାର କାର୍ଯ୍ୟକାରିତା ହୋଇପାରୁନଥିବାରୁ ବ୍ଲକ ପ୍ରଶାସନିକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। କେତେକ ବଦଳି ସ୍ଥାନରେ ଯୋଗ ଦେଇଥିବା ବେଳେ ପିଇଓ ଜିତେନ୍ଦ୍ର ଜେନା, ରମେଶ ମାଝୀ, ଶରତ ସାହୁ ଏବଂ ଅନ୍ୟ କେତେକ କର୍ମଚାରୀ ବଦଳି ସ୍ଥାନରେ ଯୋଗ ଦାନ କରିନଥିବା ନିଜେ ପ୍ରକାଶ କରିଛନ୍ତି। ପିଇଓ ହରିହର ସେଠୀ କହିଛନ୍ତି, ଅଳ୍ପ ଦିନ ବ୍ୟବଧାନରେ ବଦଳି ଆଦେଶ ହେଉଥିବାରୁ ବିଭିନ୍ନ କ୍ଷେତ୍ରରେ ଅସୁବିଧା ଉପୁଜୁଛି।

## ଶକ୍ତି ବନ୍ଦନ ଯାତ୍ରାରେ ଯୋଗଦେଲେ ମହିଳା

**ଆନନ୍ଦପୁର,୪।୩(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବେଲବାହାଳି ଠାରେ ଶକ୍ତି ବନ୍ଦନ ଯାତ୍ରାରେ ଶତାଧିକ ମହିଳା ଯୋଗଦେଇଥିଲେ। ବେଲବାହାଳି ସରପଞ୍ଚ ତଥା ମହିଳା ମୋର୍ଚ୍ଚାର ଜିଲ୍ଲା ଉପସଭାପତି ଦୀପ୍ତି ସାହୁ ଓ ବେଲବାହାଳି ମଣ୍ଡଳ ମହିଳା ମୋର୍ଚ୍ଚା ର ସଭାପତି ସଂଯୁକ୍ତା ସାହୁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ଅସୀମା ମିଶ୍ର, ରାମଚନ୍ଦ୍ର ସାହୁ, ଜ୍ଞାନରଞ୍ଜନ ସାମନ୍ତସିଂହାର, ଅନାଦି ସାହୁ, ବୀରକିଶୋର ସାହୁ, ବିଶ୍ୱମ୍ବର ଦାସ, ଉଦ୍ଧବ ଓଝା, ଆଲୋକ ଦେହୁରୀ, ପ୍ରଶାନ୍ତ ମହାପାତ୍ର, ତାରାକାନ୍ତ ସାହୁ, ଆରତୀ ସେଠୀ, କୁନି ସାହୁ, ମିନତୀ ସାହୁ, ମାମି ସାହୁ, ସୁକାନ୍ତି ସାହୁ, ପୁଷ୍ପା ପୃଷ୍ଟି, ରାଧାରାଣୀ ସାହୁ, ଲିଲିରାଣୀ ସାହୁ, ପଙ୍କଜିନି ସାହୁ, ପ୍ରଭା ସାହୁ, ବେବି ଦାସ, ଭାନୁ ଦାସ, ସବିତା ବିଶ୍ୱାଳ, ମାଳତୀ ପଣ୍ଡା, ମୀରା ଦାସ ପ୍ରମୁଖ ଯୋଗଦେଇ ବେଲବାହାଳି ବଜାର ଓ ଗ୍ରାମ ପଦଯାତ୍ରା କରିଥିଲେ।

## ଓବିସି ମୋର୍ଚ୍ଚା ଉପସଭାପତିଙ୍କୁ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର,୪ ।୩(ସମିସ):** ରାଜ୍ୟ କଂଗ୍ରେସ ଓବିସି ମୋର୍ଚ୍ଚା ଉପସଭାପତି ଭାବେ ଘସିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର ମନୋନୀତ ହୋଇଥିବାରୁ ଘସିପୁରା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ ଜେନା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ତାରିଣୀ ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଘସିପୁରା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସମ୍ବିତ କୁମାର ଜେନା, ପୂର୍ବତନ ଯୁବ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ପରିଡା, ବରିଷ୍ଠ ଆଇନଜୀବୀ କିଶୋର ଚକ୍ର, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ଜେନା, ନିର ପଣ୍ଡା, କୃଷ୍ଣଚନ୍ଦ୍ର ନାୟକ, ମହୀଧର ପୃଷ୍ଟି, ଦୈତାରୀ ମହାକୁଡ଼, ପ୍ରସନ ଓଝା, ସନାତନ ମାଝୀ, କାଠିଆ ସାହୁ, ଈଶ୍ୱର ବେହେରା, ନିରାକାର ରାଉତ, ମହେନ୍ଦ୍ର ଦାସ, ସଞ୍ଜୟ ରାଉତ, ପ୍ରଶାନ୍ତ ବିଶ୍ୱାଳ, ଅଜୟ ରାଉତ, ବାୟା ରାଉତ, ପ୍ରଦୀପ ଚକ୍ର, ସୀତାଂଶୁ ଶେଖର ସ୍ୱାଇଁ, ବିପିନ ଦାସ ପ୍ରମୂଖ ଉପସ୍ଥିତ ରହି ସୁବ୍ରତଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## କଣ୍ଡରା ଓ ବିରିକଳା ପଞ୍ଚାୟତରେ ମାଗେ ପରବ ଉଦ୍‌ଯାପିତ

**ଯୋଡ଼ା,୪।୩(ସମିସ):** ଯୋଡ଼ା ବ୍ଲକ ଅନ୍ତର୍ଗତ ବିରିକଳା ଓ କଣ୍ଡରା ପଞ୍ଚାୟତରେ ପାଳିତ ହେଉଥିବା ମାଗେ ପରବ ରବିବାର ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜେଡି ଉପସଭାପତି କୁଶ ଆପଟ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ଲକ୍ଷ୍ମଣ ବାରିକ, ପୂର୍ବତନ ନାଏବ ସରପଞ୍ଚ ବିଷ୍ଣୁ ଖିଲାର, ସମାଜସେବୀ ରଞ୍ଜିତ ନାଏକ, ଯୋଗେନ୍ଦ୍ର ବେହେରା, ବିରିକଳା ସମିତିସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ। ବିରିକଳା ପଞ୍ଚାୟତର ମୁଣ୍ଡାସାହି ଓ କଣ୍ଡରା ପଞ୍ଚାୟତର ଦାମପୁର ଗ୍ରାମରେ ମାଗେ ପରବ ଉପଲକ୍ଷେ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଥିଲା। ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପରେ ନାଗରା, ମାଦଳ, ଝାଞ୍ଜ ଆଦି ବାଦ୍ୟର ତାଳେ ତାଳେ ସମସ୍ତ ଗ୍ରାମବାସୀ ନାଚ ଗୀତରେ ଝୁମିଥିଲେ। ଆଦିବାସୀ ମହିଳା ପୁରୁଷ ଏକତ୍ରିତ ଭାବରେ କାନ୍ଧକୁ କାନ୍ଧ ମିଶେଇ ହାତକୁ ହାତ ଧରାଧରି ହୋଇ ନାଚ ଗୀତରେ ମଜି ଯାଇ ଥିବାବେଳେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ପର୍ବ ପାଳନ କରାଯାଇଛି। ତେବେ ଆଦିବାସୀ ପୁରୁଷ, ମହିଳା ମାନଙ୍କ ପାରମ୍ପରିକ ମାଗେ ନୃତ୍ୟ ଏହି ପର୍ବର ମୁଖ୍ୟ ଆକର୍ଷଣ ହୋଇ ଥିବାବେଳେ ପର୍ବ ଦେଖିବାକୁ ଆଖପାଖ ଗ୍ରାମ ମାନଙ୍କରୁ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।



## ଶିବ ମନ୍ଦିରକୁ ଦାନ କଲେ ଏସ୍‌ଏଚଜି ମହିଳା

**ରାମଚନ୍ଦ୍ରପୁର,୪ ।୩(ସମିସ):** ମିଶନଶକ୍ତି ମହିଳା ଏବେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ସହାୟତାର ହାତ ବଢାଇଲେଣି। ନିଜ ଉଦ୍ୟମରେ ଛତୁ ଚାଷ କରିବା ସହ ସେଥିରୁ ଉପାର୍ଜିତ ଲାଭାଂଶରୁ ନିଜ ମଧ୍ୟରେ ବାଣ୍ଟିବା ସହ କିଛି ଅର୍ଥକୁ ସାମୂହିକ କାର୍ଯ୍ୟରେ ବିନିଯୋଗ କରି ସବୁଠି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ସେମାନେ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଘସିପୁରା ବ୍ଲକ ଅଳତି ପଞ୍ଚାୟତ ପଦନପୁର ଗ୍ରାମରେ। ଗ୍ରାମର ପୁଷ୍ପଲତା ନାୟକଙ୍କ ନେତୃତ୍ୱରେ ସ୍ୱାବଲମ୍ବୀ ହେବାକୁ ଶ୍ରୀମା ସ୍ୱୟଂ ସହାୟିକା ଗୋଷ୍ଠୀ ନାମକ ଏକ ଗ୍ରୁପ ଗଠନ କରି ପାଳଛତୁ ଚାଷ କରି ସେଥିରୁ ବେଶ ଦି ପଇସା ଲାଭବାନ ହେବା ସହ ଉପାର୍ଜିତ ଅର୍ଥରୁ ଗ୍ରାମବାସୀଙ୍କ ସହଯୋଗରେ ନିର୍ମାଣ ହେଉଥିବା ଶିବ ମନ୍ଦିର ଟ୍ରଷ୍ଟକୁ ୫ ହଜାର ଟଙ୍କା ଦାନ କରି ବେଶ ପ୍ରଶଂସା ସାଉଁଟିଛନ୍ତି। ଏଭଳି କାର୍ଯ୍ୟକୁ ସ୍ଥାନୀୟ ସରପଞ୍ଚ ପ୍ରିୟବ୍ରତ ବରାଳ ପ୍ରଶଂସା କରିବା ସହ ମହିଳାମାନଙ୍କ ଉଦ୍ୟମ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।



## ୩୫ ବର୍ଷ ତଳର ସ୍ମୃତି ସାଉଁଟିଲେ ସହପାଠୀ



**ରାମଚନ୍ଦ୍ରପୁର,୪ ।୩(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ୧୯୮୯ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଁପୁର ରଘୁନାଥଜୀଉ ଆଶ୍ରମ ପରିସରରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ନେତା ମନୋରଞ୍ଜନ ବରାଳଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏବଂ ପରିବାର ବର୍ଗ ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇ ୩୫ ବର୍ଷ ତଳର ସ୍ମୃତିକୁ ମନେ ପକାଇଥିଲେ। ପ୍ରଥମେ ଦିବଂଗତ ଶିକ୍ଷକ ଏବଂ ବିଦ୍ୟାଳୟର ସଭାପତି ସ୍ୱର୍ଗତ ଗୌରାଙ୍ଗ ଚରଣ ବରାଳଙ୍କ ସ୍ମୃତି ଉଦ୍ଦେଶ୍ୟ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ପରେ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ। ଦୀର୍ଘ ବର୍ଷ ପରେ ନିଜର କର୍ମମୟ ଜୀବନରୁ ସମୟ ବାହାର କରି ପରିବାର ମଧ୍ୟରେ ବିଦ୍ୟାଳୟର ସ୍ମୃତି ବାଣ୍ଟିବାର ଏହା ପ୍ରକୃଷ୍ଟ ସୁଯୋଗ ବୋଲି ଛାତ୍ରବନ୍ଧୁ ଅମରେନ୍ଦ୍ର ନାୟକ କହିଥିଲେ। ପୁରାତନ ଛାତ୍ରମାନେ ଏକ କମିଟି ଗଠନ କରି ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇଦେବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ନିଜ ନିଜ କର୍ମ ଜଞ୍ଜାଳ ଭିତରେ ବ୍ୟସ୍ତ ରହି ଏଭଳି ସମାବେଶ ପ୍ରତି ବର୍ଷ ଆୟୋଜନ କରାଯାଇ ପାରିଲେ ସ୍କୁଲ ସ୍ମୃତି ସହ ନିଜ ଭିତରେ ସଂପର୍କ ଆହୁରି ସୁଦୃଢ ହୋଇପାରିବ ବୋଲି ସମସ୍ତ ଛାତ୍ର ମତ ରଖିଥିଲେ। ବନ୍ଧୁମିଳନ ଉତ୍ସବରେ ଛାତ୍ର ବନ୍ଧୁ ସୁବ୍ରତ ଚକ୍ର, ସୋମନାଥ ପତି, ରାମଚନ୍ଦ୍ର ହୋତା, ଅଭିରାମ ପଣ୍ଡା, ଚନ୍ଦ୍ରମଣି ଦାସ, ପୂର୍ଣ୍ଣଚନ୍ଦ୍ର ମହାରଣା, ସୁମନ୍ତ ତ୍ରିପାଠୀ, ସୌଭାଗ୍ୟ ଦାସ, ତୃପ୍ତୀ ଦାସ, ସୀମନି ଦାସ, ଝୁନଲତା ସାହୁ ସମେତ ଅନେକ ସହପାଠୀ ସାମିଲ ହୋଇଥିଲେ।

### ହାତୀମରା ସାହିରେ ସଞ୍ଜ ନଇଁଲେ ଗର୍ଜୁଛି ମେସିନ

## ରାତିସାରା ବୁହା ଚାଲିଛି ମୋରମ

**ଆନନ୍ଦପୁର,୪।୩(ସମିସ):** ଘସିପୁରା ତହସିଲ ଅଧୀନ ହାତୀମରା ସାହିରେ କେତେକ ମାଫିଆ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବିନା ଲିଜରେ ଖୁଲମଖୁଲା ମୋରମ ଖାଦାନରୁ ଦିନରାତି ମୋରମ ଚାଲାଣ ହେଉଥିବାରୁ ସଞ୍ଜ ନଇଁଲେ ଗାଁ ମୁଣ୍ଡରେ ଗର୍ଜୁଛି ମେସିନ। ପ୍ରତିଦିନ ଟ୍ରିପ୍ ଟ୍ରିପ୍ ମୋରମ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ବେଳେ ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ ପଡୋଶୀ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଏହି ମୋରମ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛି ଦିନ ହେବ ହାତୀମରା ସାହିର ଏକ ସରକାରୀ ଜମିରୁ ଜେସିବି ମେସିନ ସାହାଯ୍ୟରେ ମୋରମ ଉତ୍ତୋଳନ କରାଯାଇ ଟ୍ରାକ୍ଟର ଓ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ମାଫିଆମାନେ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବାରୁ ବିରୋଧ କଲେ ଗ୍ରାମବାସୀଙ୍କୁ ଧମକଚମକ ଦିଆଯାଉଛି। ଗ୍ରାମ୍ୟ ରାସ୍ତାରେ ବହୁ ସଂଖ୍ୟାରେ ମୋରମ ବୋଝେଇ ଭାରୀଯାନ ଚଳାଚଳ କରୁଥିବାରୁ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ରାସ୍ତାରେ ସାଧାରଣ ଯାତାୟାତ କଷ୍ଟକର ହୋଇପଡିଥିବା ବେଳେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ଛାତ୍ରଛାତ୍ରୀ ଯିବା ବିପଦ୍‌ଜନକ ହୋଇପଡିଛି। ଏପରି ବେଆଇନ ଚାଲାଣ ଯୋଗୁ ଗ୍ରାମର ଚାରଣଭୂମି ନଷ୍ଟ ହେବାକୁ ବସିଲାଣି। କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## କେନ୍ଦୁଝର ମୁଖ୍ୟାଳୟରେ ଟାଉନ ବସ୍ ଚଳାଚଳ ଦାବି

କେନ୍ଦୁଝର,୪।୩(ସମିସ)

ଦରବାରହଲ ଠାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ପକ୍ଷରୁ ଟାଉନ ବସ୍ ଚଳାଚଳ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଜୟକୃଷ୍ଣ ନାଏକ, ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ବୁଦ୍ଧିଜୀବୀ, ସମାଜସେବୀ ଓ ବିଭିନ୍ନ ସଂଗଠନର ସଦସ୍ୟ ଗଣ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନସାଧାରଣ ଓ ପାଠ ପଢିବାକୁ ଆସୁଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ମୁଖ୍ୟାଳୟରେ ଟାଉନ ବସ ଚଳାଚଳ କଲେ ସମସ୍ତେ ଉପକୃତ ହେବେ ବୋଲି ସଂଗଠନ ଜିଲ୍ଲାପାଳଙ୍କ ନିକଟରେ ମତ ରଖିଥିଲେ। ପୁରୁଣାବଜାର ଠାରୁ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ, ଧରଣୀଧର ବିଶ୍ୱବିଦ୍ୟାଳୟ, ବିଭିନ୍ନ ସ୍କୁଲ, କଲେଜ ପ୍ରାୟ ୧୦ କିମି ଦୂରତା ହୋଇଥିବା ବେଳେ କେନ୍ଦୁଝରଗଡ ଓ ନରଣପୁର ରେଳଷ୍ଟେସନ ମୁଖ୍ୟାଳୟ ଠାରୁ ୫/୬ କିମି ଦୂରତାରେ ଅବସ୍ଥିତ। ଏଥିସହିତ ଯୋଡ଼ା, କରଞ୍ଜିଆ, ଲାବଣ୍ୟ ଓ ଜେଲ ଛକରେ ଥିବା ବସ୍‌ଷ୍ଟାଣ୍ଡ ଗୁଡିକଠାରୁ ମୁଖ୍ୟାଳୟ ଏବଂ ମେଡିକାଲ ୫/୬ କିମି ବ୍ୟବଧାନରେ ରହିଛି। ଯାହାଫଳରେ ଜନସାଧାରଣ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ଗନ୍ତବ୍ୟ ସ୍ଥଳକୁ ପାଦରେ ଚାଲି ଚାଲି କିମ୍ବା ଭଡ଼ା ଗାଡି କରି ଯାଉଥିବା ବେଳେ ହଇରାଣହରକତ ହେବା ସହିତ ବହୁ ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳିଛି। କେନ୍ଦୁଝର ମୁଖ୍ୟାଳୟରେ ଟାଉନ ବସ୍ ଚଳାଚଳ କଲେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ସୁବିଧା ହେବା ସହିତ ଜନସାଧାରଣଙ୍କ ମଧ୍ୟ ସୁବିଧା ହୋଇପାରନ୍ତା ବୋଲି ଦାବି ହୋଇଛି। ଏଣୁ ପୁରୁଣାବଜାର ସିଦ୍ଧମଠ ଠାରୁ ବଳଦେବଜୀଉଙ୍କ ମନ୍ଦିର ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କୋର୍ଟ, ଆର୍‌ଟିଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଇନଂ ସ୍କୁଲ ଦେଇ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ଏବଂ କେନ୍ଦୁଝରଗଡ, ନରଣପୁର ରେଳଷ୍ଟେସନ ପର୍ଯ୍ୟନ୍ତ ଟାଉନ ବସ ଚଳାଚଳ କଲେ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଜନସାଧାରଣ ଅଯଥା ଖର୍ଚ୍ଚାନ୍ତରୁ ମୁକ୍ତି ମିଳିବା ସହିତ ହଇରାଣ ହରକତରୁ ଲାଘବ ପାଆନ୍ତେ ବୋଲି ସଂଗଠନ ଦାବିରଖିଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲାପାଳ ଓ ଏସ୍‌ପି ସମସ୍ତ କଥା ଶୁଣି ତୁରନ୍ତ ଜିଲ୍ଲା ମୁଖ୍ୟାଳୟରେ ଟାଉନ ବସ୍ ଚଳାଚଳ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିବା ସଂଗଠନ ପକ୍ଷରୁ ସୂଚନା ମିଳିଛି।



